RNI No.ODIODI/2010/33031
୧୬ ବର୍ଷ Volume-16
ISSUE -246 ସଂଖ୍ୟା-୨୪୬
ଭୁବନେଶ୍ୱର, ରବିବାର ୧୪ ଡିସେମ୍ବର ୨୦୨୫
Bhubaneswar, Sunday 14 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ଓଡିଶାରେ ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ

ଭୁବନେଶ୍ୱର ୧୩।୧୨(ନି.ପ୍ର.): ଶନିବାର ଓଡିଶାରେ ଆସି ପହଞ୍ଚିଛନ୍ତି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ । ଏୟାରପୋର୍ଟରେ ପହଞ୍ଚିବା ପରେ ତାଙ୍କୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସ୍ୱାଗତ କରିଥିଲେ।ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡିଶା ଗସ୍ତ।

ଭୁବନେଶ୍ୱରରେ ପହଞ୍ଚିବା ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଜି କଟକ ଗସ୍ତ କରିଛନ୍ତି। ଆଜି କଟକରେ ହାଇକୋର୍ଟ ବାର୍ ଆସୋସିଏସନର ଆଲୋଚନାଚକ୍ରରେ ଯୋଗଦାନ କରିଛନ୍ତି। ୫୦ ବର୍ଷରୁ ଅଧିକ ଓକିଲାତି କରିଥିବା ଆଇନଜୀବୀ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହେବେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ରାଜ୍ୟ ବାର ପରିଷଦ ସଭାପତି ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ସମେତ ରାଜ୍ୟ ସାରାରୁ ଅନ୍ୟ ବିଚାରପତି, ଆଇନଜୀବୀ ଏବଂ ଅଧିକାରୀମାନେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷ ହେବ ପରେ ଭାରତର ମୁଖ୍ୟ ବିଚାରପତି ଦିଲ୍ଲୀ ଯିବେ।

# ମେସିଙ୍କ ପାଇଁ ରଣ କ୍ଷେତ୍ର ପାଲଟିଲା ଷ୍ଟାଡିୟମ୍



କୋଲକାତା, ୧୩।୧୨(ନି.ପ୍ର.): ଫୁଟବଲ୍ ପ୍ରେମୀଙ୍କ ଥିବା ବିଶେଷ ମୁହୂର୍ତ୍ତ ରାଗ ଓ କ୍ରୋଧରେ ପରିଣତ ହୋଇଛି । ଦିଗ୍ଗଜ ଫୁଟବଲ୍ ଖେଳାଳୀ ଲିୟୋନେଲ୍ ମେସିଙ୍କ ଟିକିଏ ଝଲକ ନ ଦେଖି ପାରି ପ୍ରଶଂସକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । କୋଲକାତା ସ୍ଥିତ ସଲ୍ଟ ଲେକ୍ ବିବେକାନନ୍ଦ ଯୁବଭାରତୀ ଷ୍ଟାଡିୟମ ରଣକ୍ଷେତ୍ର ପାଲଟିଛି । ପ୍ରଶଂସକମାନେ ଚେୟାର ଫିଙ୍ଗା ଫୋପାଡ଼ା କରିବା ସହିତ ମମତା ବାନାର୍ଜୀଙ୍କ ସରକାର ଉପରେ ବର୍ଷିଛନ୍ତି ।

ବିଶ୍ୱର ପ୍ରସିଦ୍ଧ ଫୁଟବଲ୍ ଖେଳାଳୀ ଲିୟୋନେଲ୍ ମେସି ତିନି ଦିନିଆ ଭାରତ ଗସ୍ତରେ ଆସିଛନ୍ତି । ମେସି ଦୀର୍ଘ ସମୟ ଧରି ନିଜର ଷ୍ଟ୍ରାଇକ ପାର୍ଟନର ଲୁଇସ ସ୍ୱାରେଜ ଓ ଆର୍ଜେଣ୍ଟିନାର ସାଥୀ ଖେଳାଳି ରୋଡ୍ରିଗ ଡି ପଲଙ୍କ ସହିତ କୋଲକାତା ପହଞ୍ଚିଛନ୍ତି । ଆଜି ସଲ୍ଟ ଲେକ୍ ବିବେକାନନ୍ଦ ଯୁବଭାରତୀ ଷ୍ଟାଡିୟମରେ ବିଶେଷ ଆୟୋଜନ କରାଯାଇଥିଲା । ସାରା ଦେଶରୁ ପ୍ରଶଂସକମାନେ ବହୁମୂଲ୍ୟରେ ଟିକେଟ୍ କିଣି ଦେଖିବାକୁ ଆସିଥିଲେ । ମାତ୍ର ଏଥିରେ ପ୍ରଶାସନିକ ଅବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଥିଲା । ମେସୀ ମାତ୍ର ୧୦ ମିନିଟ୍ ଷ୍ଟାଡିୟମରେ ରହିବା ପରେ ଫେରିଯାଇଥିଲେ । ଫଳରେ ଚାତକ ପରି ଚାହିଁ ରହିଥିବା ଦର୍ଶକମାନଙ୍କୁ ସମ୍ଭାଳିବା କଷ୍ଟକର ହୋଇପଡ଼ିଥିଲା । ଚେୟାର, ବୋତଲ୍ ଫିଙ୍ଗିବା ସହିତ ହୋର୍ଡିଂ ବ୍ୟାନର୍ ଚିରି ଥିଲେ ଏବଂ ମମତା ସରକାର ଉପରେ ବର୍ଷିଥିଲେ । ମେସି ନାଁ ଅଧିକ ସମୟ ରହିଥିଲେ ନାଁ ତାଙ୍କୁ ଟିକେ ଦେଖିବାକୁ ମିଳିଥିଲା । ଅନ୍ୟ ଅଧିକାରୀମାନେ ତାଙ୍କୁ ଘେରି ରହିଥିବାରୁ ତାଙ୍କୁ ଦେଖିବା ବି ସମ୍ଭବ ହୋଇ ନଥିଲା । ସେହିପରି କାର୍ଯ୍ୟକ୍ରମରେ ବଲିଉଡ୍ କିଙ୍ଗ୍ ଖାନ୍ ଶାହାରୁଖ ମଧ ଆସିବାର ମଧ କାର୍ଯ୍ୟକ୍ରମ ଥିଲା । ଶାହାରୁଖ ମଧ ଆସିନଥିଲେ । ଫଳରେ ପ୍ରଶଂସକଙ୍କ ମଧ୍ୟରେ ଏକ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଏହି ଇଭେଣ୍ଟର ଟିକେଟ୍ ବହୁତ ମହଙ୍ଗା ଥିଲା। ଏହି ଇଭେଣ୍ଟର ଟିକେଟ୍ ୫,୦୦୦ ରୁ ୪୫,୦୦୦ ଟଙ୍କା ପର୍ଯ୍ୟନ୍ତ ଥିଲା। କେତେକ ଏହାକୁ ୧୦,୦୦୦ ଟଙ୍କାରେ କିଣିଥିଲେ, କେତେକ ୧୨,୦୦୦ ଟଙ୍କାରେ, ଏବଂ କେତେକ ୪୫,୦୦୦ ଟଙ୍କା ପର୍ଯ୍ୟନ୍ତ ବି କିଣିଥିଲେ । ଏତେ ଟଙ୍କା ଖର୍ଚ୍ଚ କରିବା ପରେ ମଧ ପ୍ରଶଂସକମାନେ ମେସିଙ୍କ ଝଲକ ଦେଖିପାରି ନ ଥିବାରୁ ସେମାନେ ଅସନ୍ତୁଷ୍ଟ ହୋଇଥିଲେ।

## କଲବଲ କରୁଛି ପ୍ରବଳ ଥଣ୍ଡା

ଭୁବନେଶ୍ୱର, ୧୩।୧୨ (ନି.ପ୍ର.): ଗତ ସପ୍ତାହେ ହେଲା ପ୍ରବଳ ଜାଡ କବଳକୁ ଚାଲିଯାଇଛି ସାରା ଓଡିଶା। ହାଡଭଙ୍ଗା ଶୀତ ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରିସାରିଲାଣି। ବୟସ୍କ, ରୋଗୀ ଓ ଶିଶୁଙ୍କ ପାଇଁ ଏହା ଘାତକ ହୋଇଥିବା ବେଳେ ଅନ୍ୟମାନେ ବି ଥଣ୍ଡା, କାଶ, ଜ୍ୱର ସହ ବହୁ ଥଣ୍ଡାଜନିତ ଆଲର୍ଜିର ଶୀକାର ହେଉଛନ୍ତି। ପ୍ରବଳ ଜାଡରେ ସାରା ଓଡିଶା ଥରୁଥିବା ବେଳେ ଘୁ. ଉଦୟଗିରିରେ ପାରଦସ୍ତର ଦୁଇ ଦିନ ହେଲା ୩.୧ ଡିଗ୍ରିରେ ରହିଛି। ସେଠାରେ ଶିଶିରପାତ ହେଉଛି।

ସେହଭଳି ସେମିଳିଗୁଡାର ରାତି ତାପମାତ୍ରା ୪.୬ ଡିଗ୍ରି, ଫୁଲବାଣୀର ୫.୫ ଡିଗ୍ରି, ଦାରିଙ୍ଗବାଡିର ୬ ଡିଗ୍ରି, କୋରାପୁଟର ୬.୫ ଡିଗ୍ରି, ଚିପିଲିମା ୭.୮ ଡିଗ୍ରି, ରାଉରକେଲାର ୮ ଡିଗ୍ରି, ଝାରସୁଗୁଡାର ୮.୨ ଡିଗ୍ରି, ଅନୁଗୁଳରେ ୯ ଡିଗ୍ରି ଓ କିରେଇରେ ୯.୨ ଡିଗ୍ରି ଲେଖାଏଁ ତାପମାତ୍ରା ରେକର୍ଡ ହୋଇଯାଇଛି। ୧୦ ସହରର ତାପମାତ୍ରା ୧୦ ଡିଗ୍ରି ତଳେ ରହିଥିବା ବେଳେ ପୁରୀ ଛଡା ସାରା ରାଜ୍ୟର ତାପମାତ୍ରା ୧୫ ଡିଗ୍ରି ତଳେ ରହିଛି। ଅନ୍ୟପଟେ ଘନ କୁହୁଡି ଯୋଗୁଁ ରାଉରକେଲା ସକାଳୁ ଧଳା ଚାଦରରେ ଢାଙ୍କି ହୋଇରହୁଛି। ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ମୁତାବକ, ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ଏହି ଥଣ୍ଡାରୁ ତ୍ରାହି ନାହିଁ। ଗତକାଲି ରାତିରେ ରାଜଧାନୀ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୧୨.୬ ଡିଗ୍ରି ରେକର୍ଡ ହୋଇଥିବା ବେଳେ କଟକର ରହିଥିଲା ୧୨.୪ ଡିଗ୍ରି। ଆସନ୍ତାକାଲି ମଧ ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ରାତି ପାରଦ ୧୩ ଡିଗ୍ରି ମଧ୍ୟରେ ରହିବ। ସକାଳୁ ହାଲୁକା କୁହୁଡି ପଡିବା ସହ ଆକାଶ ନିର୍ମଳ ରହିପାରେ।

# ୯ମ ଶ୍ରେଣୀ ଛାତ୍ର ପକେଟ୍‌ରେ ବନ୍ଧୁକ



ଗରଦପୁର, ୧୩।୧୨(ନି.ପ୍ର.): ୯ମ ଶ୍ରେଣୀ ଛାତ୍ରଙ୍କ ପକେଟ୍‌ରୁ ଜବତ ହୋଇଛି ବନ୍ଧୁକ। ଶନିବାର କେନ୍ଦ୍ରାପଡାଜିଲ୍ଲା ଗରଦପୁର ବ୍ଲକ୍ କୋରୁଆ ସରକାରୀ ଉଚ୍ଚବିଦ୍ୟାଳୟରେ ଗଣିତ କ୍ଲାସ୍ ଚାଲିଥିବାବେଳେ ଜଣେ ଛାତ୍ରଙ୍କ ହାବଭାବକୁ ନେଇ ଶିକ୍ଷକଙ୍କର ସନ୍ଦେହ ହୋଇଥିଲା। ଯାଞ୍ଚ କରିବାବେଳେ ଛାତ୍ରଙ୍କ ପକେଟ୍‌ରୁ ବନ୍ଧୁକ ବାହାରିବା ଦେଖି ଶିକ୍ଷକଜଣକ ତାଜୁବ ହୋଇ ଯାଇଥିଲେ। ସ୍କୁଲ ସାରା ଚହଳ ପଡିଯାଇଥିଲା। ପ୍ରଧାନଶିକ୍ଷକଙ୍କ ସମେତ ଗରଦପୁର ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଖବର ଦିଆଯାଇଥିଲା। ଛାତ୍ରକୁ ପଚରାଉଚରା ପରେ ବି କେଉଁ ଉଦ୍ଦେଶ୍ୟରେ ସେ ବନ୍ଧୁକ ରଖିଥିଲା ତାହା ଜଣାପଡିନାହିଁ। ଖବର ପାଇ କୁଦାନଗରୀ ଥାନା ପୁଲିସ ସ୍କୁଲରେ ପହଞ୍ଚି ବନ୍ଧୁକକୁ ଜବତ କରିଛି। ସମ୍ପୃକ୍ତ ଛାତ୍ରକୁ ଅଟକ ରଖି ପରେ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

ବନ୍ଧୁକଟିକୁ ଫରେନସିକ୍ ଯାଞ୍ଚ ପାଇଁ ପଠାଯାଇଛି। ଏହି ଘଟଣାକୁ ନେଇ ପୁଲିସ ଆଜି ବିଲହାଟ ବଜାରର ଏକ ଦୋକାନରେ ଚଢ଼ଉ କରିଛି। ତଦନ୍ତ ପରେ ଏହା ପଛରେ କଣ ଉଦ୍ଦେଶ୍ୟ ଥିଲା, ତାହା ସ୍ପଷ୍ଟ ହେବ ବୋଲି କୁଦାନଗରୀ ଥାନା ଆଇଆଇସି ଅରବିନ୍ଦ ଶରଣ ମହାନ୍ତି କହିଛନ୍ତି। ଅନ୍ୟପଟେ ଏଭଳି ଘଟଣା ବେଆଇନ ବନ୍ଧୁକ କାରବାର ଓ ଚୋରାଚାଲାଣକୁ ନେଇ ସନ୍ଦେହ ବାଢ଼ିଛି। ଛାତ୍ରର ପରିବାର ଲୋକଙ୍କୁ ପଚରାଉଚରା କରାଯିବା ସହିତ ବନ୍ଧୁକ କେଉଁଠୁ ଆସିଲା, ତାହାର ମୂଳ ଖୋଜିବାକୁ ପୁଲିସ ଉଦ୍ୟମ କରୁଛି।

## ଦିଲ୍ଲୀ ବିସ୍ଫୋରଣ ଘଟଣାରେ ଓଡିଶା ଲିଙ୍କ୍

କୋରେଇ, ୧୩।୧୨(ନି.ପ୍ର.): ଦିଲ୍ଲୀ କାର୍ ବୋମା ବିସ୍ଫାରଣ ଘଟଣାରେ ଓଡିଶା ଲିଙ୍କ୍ ସାମନାକୁ ଆସିବା ପରେ ତଦନ୍ତକାରୀ ସଂସ୍ଥାଗୁଡିକ ପକ୍ଷରୁ ତନାଘନା ହୋଇଛି। ଆତଙ୍କବାଦୀମାନେ ବ୍ୟବହାର କରିଥିବା ମୋବାଇଲ୍ ସିମ୍ ଯାଜପୁର ଓ ଭଦ୍ରକରୁ କିଣାଯାଇଥିବା ଜଣାପଡିବା ପରେ ଦିଲ୍ଲୀ ପୁଲିସ ଏ ସଂପର୍କରେ ଖୋଳତାଡ ଜାରି ରଖିଥିଲା। ଗତକାଲି ଦିଲ୍ଲୀ ସାହିନ୍‌ବାଗ ଥାନା ପୁଲିସ ଯାଜପୁର ଓ ପଡାଶୀ ଜିଲ୍ଲାଭଦ୍ରକ ମଞ୍ଜୁରୀରୋଡ୍ ବଜାରରେ ଚଢ଼ଉ କରି ୨ ଜଣ ମୋବାଇଲ୍ ଦୋକାନୀଙ୍କୁ ଉଠାଇ ନେଇଛି। ମଞ୍ଜୁରୀରୋଡ୍ ବଜାରରେ ମୋବାଇଲ୍ ଦୋକାନ କରିଥିବା ସନ୍ତୋଷ ଖଣ୍ଡେଇ ଓ ତାଙ୍କ ସହଯୋଗୀ ତରାଗୋ ଅଞ୍ଚଳର ମହେଶ୍ୱର ପୁଷ୍ଟିଆଙ୍କୁ ଦିଲ୍ଲୀ ପୁଲିସ ବନ୍ତ ଥାନାକୁ ଆଣି ପଚରାଉଚରା କରିଥିଲା। ଉଭୟଙ୍କୁ ଭଦ୍ରକ କୋର୍ଟରେ ହାଜର କରି ଦିଲ୍ଲୀ ପୁଲିସ ରିମାଣ୍ଡରେ ନେଇଯାଇଛି।

## ହାଇବ୍ରିଡ୍ ମୋଡ୍‌ରେ ସ୍କୁଲ୍‌ରେ ପାଠପଢ଼ା

ନୂଆଦିଲ୍ଲୀ ୧୩।୧୨(ନି.ପ୍ର.):ଦିଲ୍ଲୀରେ ପ୍ରଦୂଷଣ ସଙ୍କଟ ସୃଷ୍ଟି ରହିଛି। ରବିବାର ମଧ, ଦିଲ୍ଲୀ-ଏନସିଆର ଅଞ୍ଚଳ ବିଷାକ୍ତ କୁହୁଡ଼ିର ଘନ ଚାଦରରେ ଘୋଡ଼ାଇ ହୋଇ ରହିଛି। ଏହି ବିଷାକ୍ତ ଘନ କୁହୁଡ଼ି ଦୃଶ୍ୟମାନତାକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଡିସେମ୍ବର ୧୪ ତାରିଖ ରବିବାର ଦିନ, ଦୃଶ୍ୟମାନତା ହ୍ରାସ ପାଇବା ସହିତ ବାୟୁ ଗୁଣବତ୍ତା ବିପଜ୍ଜନକ ସ୍ତରରେ ପହଞ୍ଚିଛି। ଘନ କୁହୁଡ଼ି ଯୋଗୁ ଅନେକ ସ୍ଥାନରେ, ଦୃଶ୍ୟମାନତା ପ୍ରାୟ ଶୂନ୍ୟ ସ୍ତରକୁ ହ୍ରାସ ପାଇଥିଲା, ଯାହା ଫଳରେ ଯାନବାହାନ ଚଳାଚଳ ଠପ୍ ହୋଇ ଯାଇଛି।କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟ ଅନୁଯାୟୀ, ସକାଳ ୬ଟା ଟାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ବିପଜ୍ଜନକ ୪୯୧ ରେ ପହଞ୍ଚିଥିଲା। ଏହି ଏକ୍ୟୁଆଇ ସ୍ତର 'ଅତି ଗମ୍ଭୀର' ବର୍ଗ। ପ୍ରତିକ୍ରିୟା ସ୍ୱରୂପ, ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରବିବାର ଗ୍ରାପ୍-୪ କଟକଣା ଲାଗୁ କରାଯାଇଥିଲା।

## ୩ ସପ୍ତାହରେ ସୁନା ୭ ହଜାର, ରୁପା ୩୯ ହଜାର ମହଙ୍ଗା

ଭୁବନେଶ୍ୱର ୧୩।୧୨(ନି.ପ୍ର.): ଚଳିତବର୍ଷ ସୁନା ଓ ରୁପା ଦରର ଅସ୍ୱାଭାବିକ ବୃଦ୍ଧି ଜାରି ରହିଛି। ଗତ ୩ ସପ୍ତାହ ମଧ୍ୟରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ଭୁବନେଶ୍ୱର ବଜାରରେ ପାଖାପାଖି ୭୦୦୦ ଟଙ୍କା ମହଙ୍ଗା ହୋଇଯାଇଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୬୩୦୦ ଟଙ୍କା ମହଙ୍ଗା ହୋଇଛି। ତେବେ ଶୁକ୍ରବାର ତୁଳନାରେ ଶନିବାର ସୁନା ଦର ସାମାନ୍ୟ କମିଛି। ୩ ସପ୍ତାହ ପୂର୍ବରୁ ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନା ଦର ପ୍ରାୟ ୧,୨୭,୦୦୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ଦର ୧,୧୬,୪୫୦ ଟଙ୍କା ରହିଥିଲା। ସାଧାରଣ ଲୋକ ଅଧିକ ମାତ୍ରାରେ ବ୍ୟବହାର କରୁଥିବା ରୁପା ଦର ବୃଦ୍ଧି ସୁନାକୁ ବଳିଯାଇଛି। ଗତ ୩ ସପ୍ତାହରେ କିଲୋଗ୍ରାମ ପିଛା ରୁପା ଦର ୩୯ ହଜାର ଟଙ୍କା ବୃଦ୍ଧି ଘଟିଛି। ଶନିବାର ଭୁବନେଶ୍ୱର ବଜାରରେ ରୁପା ଦର ୨,୧୦,୦୦୦ ଟଙ୍କାରେ ରହିଛି। ଗତକାଲି ତୁଳନାରେ ଏଥିରେ ୫ ହଜାର ଟଙ୍କା ହ୍ରାସ ଘଟିଛି।

ଇଣ୍ଡିଆନ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ)ର ସୂଚନା ଅନୁଯାୟୀ, ଚଳିତମାସ ୫ ତାରିଖରେ ୧ କିଗ୍ରା ରୁପା ଦର ଦେଶରେ ୧,୭୮,୨୧୦ ଟଙ୍କା ଥିଲା। ଚଳିତ ସପ୍ତାହରେ ଏଥିରେ ୧୬,୯୭୦ ଟଙ୍କା ବୃଦ୍ଧି ଘଟିଛି। ସେହିଭଳି, ପୂର୍ବ ସପ୍ତାହର ଶେଷ କାରବାର ଦିବସରେ ଦେଶରେ ସୁନା ଦର ୧୦ ଗ୍ରାମ୍ ପିଛା ୧,୨୮,୫୯୨ ଟଙ୍କା ଥିଲା। ଶୁକ୍ରବାର ଏହା ୧,୩୨,୭୧୦ ଟଙ୍କାରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଦେଶର ବିଭିନ୍ନ ସହରରେ ସୁନା ଓ ରୁପା ଦର ଭିନ୍ନ ଭିନ୍ନ ରହିଥାଏ। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ସୁନା ଦର ୧୦ ଗ୍ରାମ ପିଛା ୫୬,୫୪୮ ଟଙ୍କା (୭୪.୨୫ ପ୍ରତିଶତ) ଏବଂ ରୁପା ଦର କିଲୋଗ୍ରାମ ପିଛା ୧,୦୯,୧୬୩ ଟଙ୍କା (୧୨୬.୯୧ ପ୍ରତିଶତ) ମହଙ୍ଗା ହୋଇଛି। ଅନ୍ତର୍ଜାତୀୟ ବଜାରରେ ଡଲାର ଦୁର୍ବଳ ହେବା ସହିତ ରୁଷ-ୟୁକ୍ରେନ ଯୁଦ୍ଧ ଭଳି ଭୂରାଜନେତିକ ଅନିଶ୍ଚିତତା ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ଅଧିକ ମାତ୍ରାରେ ସୁନା କିଣିବା ଫଳରେ ଏହି ଧାତୁର ଦର ବଢୁଛି।

ଅନ୍ୟପକ୍ଷରେ ରୁପାକୁ କେବଳ ଗହଣା ଭାବେ ବ୍ୟବହାର କରାଯାଉନାହିଁ। ସୋଲାର, ଇଲେକ୍‌ଟ୍ରୋନିକ୍ସ ଓ ଇଭି ଶିଳ୍ପରେ ଏହାର ବ୍ୟବହାର ବୃଦ୍ଧି। ଏଥିସହିତ ଅନ୍ୟ କେତେକ କାରଣରୁ ବଜାରରେ ରୁପା ଦର ବୃଦ୍ଧି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ହୀରାକୁଦ ଓ ସାତକୋଶିଆ ବିକାଶ ପାଇଁ ୧୯୯ କୋଟି




**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩।୧୨(ନି.ପ୍ର)** ବିଭିନ୍ନ କେନ୍ଦ୍ର ପ୍ରାୟୋଜିତ ଯୋଜନା ଜରିଆରେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅନୁଦାନ ଯୋଗାଇ ଦେଇଥିବା କହିଛନ୍ତି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ। ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଶ୍ରୀ ଶେଖାୱତ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ପର୍ଯ୍ୟଟନ ମନ୍ତ୍ରଣାଳୟ ଓଡ଼ିଶାର ହୀରାକୁଦ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୯୯ କୋଟି ୯୦ ଲକ୍ଷ ଟଙ୍କା ଏବଂ ସାତକୋଶିଆର ବିକାଶ ଲାଗି ୯୯ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩୧.୯୨ କୋଟି ଟଙ୍କା ଜାରି କରାଯାଇଛି। କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, ପର୍ଯ୍ୟଟନ ସ୍ଥଳୀର ବିକାଶ ଦାୟିତ୍ୱ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ହୋଇଥିଲେ ମଧ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱଦେଶ ଦର୍ଶନ, ତୀର୍ଥସ୍ଥଳୀ ପୁନରୁଦ୍ଧାର ଏବଂ ଆଧ୍ୟାତ୍ମିକ ଐତିହ୍ୟ ବିକାଶ ଅଭିଯାନ (ପ୍ରସାଦ), ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ରୀୟ ସହାୟତା (ଏସିଏଟିଆଇଡି) ଆଦି ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ ପ୍ରାଥମିକତା ଭିତ୍ତିରେ ପାଣ୍ଠି ଯୋଗାଇ ଦେଇଥା'ନ୍ତି ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି । ଏହାବ୍ୟତୀତ ପର୍ଯ୍ୟଟନ ସଂକ୍ରାନ୍ତ ପ୍ରକଳ୍ପର ବିକାଶ ପାଇଁ ରାଜ୍ୟମାନଙ୍କୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦିଅନ୍ତି। କେବଳ ସେତିକି ନୁହେଁ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ପର୍ଯ୍ୟଟନ ପ୍ରକଳ୍ପର କାର୍ଯ୍ୟକାରିତା ନିରନ୍ତର ଭାବେ ସମୀକ୍ଷା କରାଯାଇଥାଏ।

## ପ୍ରଧାନମନ୍ତ୍ରୀ ଗତି ଶକ୍ତି ଅଧୀନରେ ପ୍ରସ୍ତୁତ ହେବ ଓଡ଼ିଶା ମାଷ୍ଟର ପ୍ଲାନ

ଭୁବନେଶ୍ୱର, ୧୩।୧୨(ନି.ପ୍ର.): ପ୍ରଧାନମନ୍ତ୍ରୀ ଗତି ଶକ୍ତି ଅଧୀନରେ ପ୍ରସ୍ତୁତ ହେବ ଓଡ଼ିଶା ମାଷ୍ଟର ପ୍ଲାନ। ବିସାଗ-ଏନ ସହିତ ଗଙଟ ସ୍ୱାକ୍ଷର। ବାଣିଜ୍ୟ ଏବଂ ପରିବହନ ବିଭାଗ ମାଧ୍ୟମରେ ରାଜ୍ୟ ସରକାର ଭାସ୍କରାଚାର୍ଯ୍ୟ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ସ୍ପେସ୍ ଆପ୍ଲିକେସନ୍ସ ଆଣ୍ଡ୍ ଜିଓ-ଇନଫର୍ମେଟିକ୍ସ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣାପତ୍ର ସ୍ୱାକ୍ଷର ଉତ୍ସବରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର୍ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର, ପ୍ରମୁଖ ସଚିବ ଉଷା ପାଢୀ ଏବଂ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିସାଗ୍-ନେ ମହାନିର୍ଦ୍ଦେଶକ ଟି. ପି. ସିଂହ ଏବଂ ତାଙ୍କ ଟିମ୍ ଉପସ୍ଥିତ ଥିଲେ। ଏହି ସହଯୋଗ ଭବିଷ୍ୟତରେ ଓଡ଼ିଶା ପାଇଁ ସମନ୍ୱିତ ଭିତ୍ତିଭୂମି ଯୋଜନା ଏବଂ ଉନ୍ନତ ଡିଜିଟାଲ୍ ଶାସନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ଭିଜିଲାନ୍ସ ନାଁରେ ଓଏଏସ୍‌ଙ୍କୁ ଠକେଇ, ଦୁଇ ଗିରଫ

ରାଉରକେଲା, ୧୩।୧୨(ନି.ପ୍ର.): ନିଜକୁ ଭିଜିଲାନ୍ସ ଅଧିକାରୀ କହି ଠକେଇ ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଉଭୟ ଜଣେ ଓଏଏସ୍ ଅଧିକାରୀଙ୍କଠାରୁ ୪ ଲକ୍ଷ ଟଙ୍କା ଠକି ନେଉଥିବାବେଳେ ଗିରଫ କରାଯାଇଛି। ଅଭିଯୁକ୍ତ ଦୁଇ ଜଣକ ସୁବର୍ଣ୍ଣପୁରର ଗଣେଶ ନନ୍ଦ ଏବଂ ପ୍ରଦୀପ ପଣ୍ଡା ବୋଲି ଜଣାପଡିଛି। ଭିଜିଲାନ୍ସ ସହଯତାରେ ରାଉରକେଲା ପୁଲିସ୍ ଉଭୟଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଭିଜିଲାନ୍ସ କେସ୍‌ର ଧମକ ଦେଇ ଏମାନେ ଟଙ୍କା ଆଦାୟ କରୁଥିଲେ। ଅଭିଯୁକ୍ତ ଗଣେଶର ଟ୍ରୁ କଲର୍ ଆଇଡିରେ ଭିଜିଲାନ୍ସ ଅଫିସର ସୋ କରୁଥିଲା। ଏହି ମାମଲାରେ ପୁଲିସ୍ ଅଧିକ ତଦନ୍ତ ଜାରି ରଖିଛି।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପରିବେଶ କାର୍ଯ୍ୟକର୍ତ୍ତା ମୁଖା ପିନ୍ଧା ଅର୍ବାନ ନକ୍ସଲବାଦୀ

**ଡ. ସମନ୍ୱୟ ନନ୍ଦ**

ଦିଲ୍ଲୀରେ ପ୍ରଦୂଷଣର ମାତ୍ରା ଅତ୍ୟନ୍ତ ବିପଜ୍ଜନକ ସ୍ତରରେ ପହଂଚି ସାରିଛି । ଲୋକ ମାନେ ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରୁଛନ୍ତି । ବାୟୁ ପ୍ରଦୂଷଣ କାରଣରୁ ପିଲା ମାନେ ସ୍କୁଲ ଯାଇ ପାରୁ ନାହାନ୍ତି । ପ୍ରଦୂଷଣର ଏହି ସ୍ତର ବାସ୍ତବରେ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ତେଣୁ ସମାଜରେ ଏହାକୁ ନେଇ ଉଦବେଗ ପ୍ରକାଶ ପାଇବା ସ୍ୱାଭବିକ । ଏହାକୁ ନେଇ ଜନ ଜାଗରଣ କରାଯିବା ଓ ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଯିବା ପାଇଁ ବିଭିନ୍ନ ସଂଗଠନ ଓ ଲୋକ ମାନଙ୍କ ଆନ୍ଦୋଳନ କରାଯିବା ଏକ ସ୍ୱାଭବିକ ପ୍ରକ୍ରିୟା । ଏହି କ୍ରମରେ ହିମଖଂଡ ନାମକ ଏକ ସଂଗଠନ ଓ ଏହାର ସହଯୋଗୀ ସଂଗଠନର କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ଏହି ପ୍ରଦୂଷଣକୁ ନେଇ ଗତ ନଭେମ୍ବର ୨୩ ତାରିଖ ଦିଲ୍ଲୀର ଇଣ୍ଡିଆ ଗେଟ ଠାରେ ଏକ ବିରୋଧ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା । ଯେପରିକି ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ପ୍ରଦୂଷଣକୁ ନେଇ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଉଦ୍ଦେଶ୍ୟ ନେଇ ବିକ୍ଷୋଭ କିମ୍ବା ଆନ୍ଦୋଳନ କରାଯିବା ଗଣତନ୍ତ୍ରରେ ଏକ ସ୍ୱାଭବିକ ପ୍ରକ୍ରିୟା ।

ହେଲେ ହଠାତ ପ୍ରଦୂଷଣ ନାମରେ ହେଉଥିବା ବିକ୍ଷୋଭ ପ୍ରଦର୍ଶନ କରୁଥିବା ହାତ ଗଣତି ଯୁବକ- ଯୁବତୀ ମାନେ ପ୍ରଦୂଷଣ ପ୍ରସଙ୍ଗକୁ ଛାଡି ଯେଉଁ ପ୍ରକାର ଅନ୍ୟ ବିଷୟରେ ହଠାତ ନାରାବାଜୀ କରିବା ଆରମ୍ଭ କରିଥିଲେ ତାକୁ ନେଇ ସେଠାରେ ପ୍ରଶାସନ ସମେତ ସ୍ଥାନୀୟ ନାଗରିକ ମାନେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ।

ଏହି ବିକ୍ଷୋଭକାରୀ ମାନେ ପ୍ରଦୂଷଣ ସମ୍ପର୍କରେ ନାରାବାଜୀ କରିବା ପରିବର୍ତ୍ତେ ହଠାତ ଲାଲ ସଲାମର ନାରା ଦେଇଥିଲେ । ସେମାନେ ୨ ଶହରୁ ଉର୍ଦ୍ଧ ସୁରକ୍ଷାକର୍ମୀ ସମେତ ୩ ଶହ ଲୋକ ମାନଙ୍କୁ ହତ୍ୟା କରିଥିବା ନକ୍ସଲବାଦୀ ହିଡମାର ସମର୍ଥନରେ ନାରାବାଜୀ କରିବା ଦେଖିବାକୁ ମିଳିଥିଲା । ସେମାନେ କହିଥିଲେ ଯେ 'ତୁମ କିତନେ ହିଡମା ମାରୋଗେ, ହର ଘର ସେ ହିଡମା ନିକଲେଗା '। ଏହି ନାରାବାଜୀ ଶୁଣିବା ପରେ ପୋଲିସ ପ୍ରଶାସନର ଅଧିକାରୀ ସମେତ ଇଣ୍ଡିଆଗେଟ ବୁଲିବାକୁ ଆସିଥିବା ସାଧାରଣ ଲୋକ ମାନଙ୍କ ମଧ୍ୟରେ ପ୍ରଶ୍ନ ଆସିଥିଲା ଯେ ଏହି ଆନ୍ଦୋଳନ ପ୍ରଦୂଷଣ ବିରୋଧରେ ହେଉଥିଲା ନା ନକ୍ସଲବାଦୀ ମାନଙ୍କୁ ସମର୍ଥନ ପ୍ରଦାନ କରିବା ପାଇଁ ।

ଏହି ତଥାକଥିତ ପରିବେଶ ଆନ୍ଦୋଳନକାରୀ ମାନେ ହିଡମାର ମହିମାମଣ୍ଡନ କରିବା ଓ ତା ସମର୍ଥନରେ ନାରାବାଜୀ କରିବା ସହ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀ ମାନଙ୍କ ଉପରେ ଲଙ୍କା ଗୁଣ୍ଡ ସ୍ପ୍ରେ କରିଥିବା ଦେଖିବାକୁ ମିଳିଥିଲା ।

ଗତ କିଛି ବର୍ଷ ଧରି ଦେଶର ନାଗରିକ ମାନେ ଅର୍ବାନ ନକ୍ସଲ ନାମକ ଏକ ଶବ୍ଦ ବାରମ୍ବାର ଶୁଣି ଆସୁଛନ୍ତି । ଅର୍ବାନ ନକ୍ସଲ ମାନେ ହେଉଛନ୍ତି ସେହି ନକ୍ସଲବାଦୀ ଯେଉଁ ମାନେ ବଣ ଜଙ୍ଗଲରେ ଯାଇ ବନ୍ଧୁକ ଓ ଗୋଳା ବାରୁଦ ଧରି ତଥାକଥିତ ବିପ୍ଲବରେ ସାମିଲ ହୋଇ ନ ଥାନ୍ତି ବରଂ ସହରରେ ରହି ବିଭିନ୍ନ ଛଦ୍ମ ଆବରଣ ମଧ୍ୟରେ ଜଙ୍ଗଲରେ ତଥାକଥିତ ବିପ୍ଲବ କରୁଥିବା ନକ୍ସଲବାଦୀ ମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଥାନ୍ତି । ନକ୍ସଲବାଦୀ ମାନଙ୍କର ହିସାତ୍ମକ କୃତ୍ୟ, ବର୍ବରତା ଆଦିକୁ ସୁନ୍ଦର ସୁନ୍ଦର ତର୍କ ପ୍ରଦାନ କରି ଠିକ ବୋଲି ପ୍ରମାଣିତ କରିଥାନ୍ତି ଓ ସେମାନଙ୍କୁ ବୈଚାରିକ ଢାଲ ପ୍ରଦାନ କରିଥାନ୍ତି ।

ଏଠାରେ ଗୋଟିଏ କଥା ଉପରେ ଧ୍ୟାନ ଦେବାକୁ ହେବ ଯେ ପରିବେଶ ସଂରକ୍ଷଣ ନାମରେ ହୋଇଥିବା ଓ ବାସ୍ତବରେ ନକ୍ସଲବାଦୀଙ୍କ ସମର୍ଥନରେ ହୋଇଥିବା ଏହି ଆନ୍ଦୋଳନ ସେତେବେଳେ ହୋଇଛି ଯେତେବେଳେ ସାରା ଦେଶରେ ଲାଲ ଆତଙ୍କବାଦ ବିରୁଦ୍ଧରେ ସରକାରଙ୍କ ଯୁଦ୍ଧ ନିର୍ଣ୍ଣାୟକ ସ୍ତରରେ ପହଂଚି ସାରିଛି । କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ଲାଲ ଆତଙ୍କବାଦକୁ ସମୁଳେ ନିପାତ କରିବାକୁ ଘୋଷଣା କରିଛନ୍ତି ଓ ଏ ଦିଗରେ ଗୋଟିଏ ପରେ ଗୋଟିଏ ସଫଳତା ପ୍ରାପ୍ତ କରୁଛନ୍ତି । ଲାଲ ଆତଙ୍କବାଦୀ ମାନଙ୍କର ପ୍ରମୁଖ ନେତା ମାନେ ବର୍ତ୍ତମାନ ସୁଦ୍ଧା ନିପାତ ହୋଇ ସାରିଲେଣି । କାଁ ଭାଁ ନେତା ଅଛନ୍ତି । କ୍ୟାଡର ମାନଙ୍କର ମନୋବଳ ରସାତଳଗାମୀ ହେଲାଣି ଓ ଲଗାତାର ଭାବେ ନକ୍ସଲବାଦୀ କ୍ୟାଡର ବିଭିନ୍ନ ରାଜ୍ୟରେ ଆତ୍ମ ସମର୍ପଣ କରୁଥିବା ଦେଖିବାକୁ ମିଳିଛି । ବାସ୍ତବିକ ନକ୍ସଲବାଦୀ ମାନଙ୍କର ଆସନ୍ନ ପରାଜୟ ଦେଖି ସହରରେ ଥିବା ନକ୍ସଲବାଦୀ ମାନେ ପରିବେଶ ଆଳରେ ତାଙ୍କର ସମର୍ଥନରେ ବାହାରିଛନ୍ତି । ଲାଲ ଆତଙ୍କବାଦୀଙ୍କ ବିରୁଦ୍ଧରେ ସରକାରଙ୍କ ଦ୍ୱାରା ଚଳାଯାଉଥିବା ଅଭିଯାନକୁ ରୋକିବା ପାଇଁ ଚାପ ପ୍ରୟୋଗ ପାଇଁ ଏହା ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ ହେଉଛି ।

ପରିବେଶ ରକ୍ଷା ଆଳରେ ଆନ୍ଦୋଳନ କରୁଥିବା ସଂଗଠନ ଓ ଏହାର କାର୍ଯ୍ୟକର୍ତ୍ତା ମାନେ ଲାଲ ଆତଙ୍କବାଦର ସମର୍ଥନରେ ବାହାରା ନାରା ଦେବା ପ୍ରଥମ ଘଟଣା ନୁହେଁ । ଏହି ଅର୍ବାନ ନକ୍ସଲ ମାନେ ବିଭିନ୍ନ ସମୟରେ ବିଭିନ୍ନ ବ୍ୟାନରରେ ଆନ୍ଦୋଳନ ବିକ୍ଷୋଭ ଆଦି କରିଥାନ୍ତି । ପ୍ରସଙ୍ଗ ମଧ୍ୟ ଭିନ୍ନ ଭିନ୍ନ ରହିଥାଏ । ଯେପରିକି କେତେବେଳେ ଏଲଜିବିଟି ମାନଙ୍କର ଅଧିକାର ପାଇଁ ତ କେବେ ଅନ୍ୟ କୌଣସି ପ୍ରସଙ୍ଗ ପାଇଁ । ହେଲେ ସେମାନଙ୍କର ଉଦ୍ଦେଶ୍ୟ ଆଉ କିଛି ଥାଏ । ଭାରତର ସମାଜକୁ ଭାଗ ଭାଗ କରିବା ଓ ଭାରତକୁ ଦୁର୍ବଳ କରିବା ତାଙ୍କର ମୂଳ ଉଦ୍ଦେଶ୍ୟ ରହିଥାଏ ।

ଏବେ ଏହି ଅର୍ବାନ ନକ୍ସଲବାଦୀ ମାନଙ୍କ ଦ୍ୱାରା ବିଗତ ଦିନରେ କରାଯାଇଥିବା ଆଉ ଏକ ଆନ୍ଦୋଳନ ଉପରେ ଦୃଷ୍ଟି ପକାଇବା ଦ୍ୱାରା ସେମାନଙ୍କର କାର୍ଯ୍ୟକଳାପ ଓ କାର୍ଯ୍ୟ କରିବାର ଶୈଳୀକୁ ଭଲ ଭାବେ ବୁଝିପାରିବା । ଯଦି ଆମେ ଦିଲ୍ଲୀର ପରିବେଶକୁ ନେଇ ଆନ୍ଦୋଳନ କରୁଥିବା ଲୋକ ମାନଙ୍କର ସଂଗଠନ ଓ ତାର ନେତା ମାନଙ୍କୁ ଦେଖିବା ଓ ଭଲ ଭାବେ ସେମାନଙ୍କ ଇତିହାସ ଉପରେ ଦୃଷ୍ଟି ପକାଇବା ତେବେ ପାଇବା ସେମାନେ ଭାରତୀୟ ସଂସଦ ଦ୍ୱାରା ପାରିତ ସିଏଏ ଆଇନ ବିରୁଦ୍ଧରେ ଭ୍ରମ ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ । ସେମାନେ ଲୋକ ମାନଙ୍କୁ ବିଭ୍ରାନ୍ତ କରି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ।

ସିଏଏ ବିରୋଧରେ ଇସଲାମିଷ୍ଟ ମାନେ ସାରା ଦେଶରେ ଆନ୍ଦୋଳନ କରୁଥିଲେ । ଦିଲ୍ଲୀର ଶାହୀନ ବାଗ ଅଂଚଳ ଠାରୁ ଆରମ୍ଭ କରି ସାରା ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଉଥିଲା । ତୁର୍କୀ ସମେତ ଅନେକ ଭାରତ ବିରୋଧୀ ଶକ୍ତି ପିଏଫଆଇ ଭଳି ଇସଲାମୀ ଆତଙ୍କବାଦୀ ସଂଗଠନ ଜରିଆରେ ଭାରତୀୟ ମୁସଲମାନ ମାନଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଥିଲେ । ଠିକ ସେତିକି ବେଳେ ଏହି ଅର୍ବାନ ନକ୍ସଲବାଦୀ ମାନେ ମଧ୍ୟ ସକ୍ରିୟ ହୋଇଥିଲେ । ସେମାନେ ଏହି ଇସଲାମିଷ୍ଟ ମାନଙ୍କ ସହ ଏକ ପ୍ରକାର ମେଂଟ କରି ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କରିଥିଲେ ।

ମାଓବାଦୀ ଓ ନକ୍ସଲବାଦୀ ମାନେ ବନ୍ଧୁକ ଜରିଆରେ କ୍ଷମତା ହାସଲ କରିବାକୁ ଚାହାନ୍ତି । ଏମାନେ ଜଙ୍ଗଲରେ ଲୁଚି ପ୍ରଶାସନ ଓ ସାଧାରଣ ଲୋକ ମାନଙ୍କୁ ହତ୍ୟା କରି ଭୟର ବାତାବରଣ ସୃଷ୍ଟି କରିଥାନ୍ତି । କିନ୍ତୁ ସହରରେ ରହୁଥିବା ଓ ନିଜକୁ ବୁଦ୍ଧିଜୀବୀ ବୋଲାଉଥିବା ଏହି ଅର୍ବାନ ନକ୍ସଲବାଦୀ ମାନେ ସେହି କାର୍ଯ୍ୟକୁ ଭିନ୍ନ ରୂପରେ କରିଥାନ୍ତି । ସେମାନେ ଦେଶ ବିରୋଧୀ ଶକ୍ତି ମାନଙ୍କ ସହ ମିଶି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରିଥାନ୍ତି । କେତେବେଳେ ସେ ଇସଲାମିଷ୍ଟ ଶକ୍ତି ମାନଙ୍କ ସହ ମିଶି ଏହି କାର୍ଯ୍ୟ କରିଥାନ୍ତି ତ କେତେବେଳେ ଆଉ କେଉଁ ଶକ୍ତି ସହ ମିଶିଥାନ୍ତି । ତେଣୁ ସେମାନେ କେତେବେଳେ 'କିତନେ ଅଫଜଲ ମାରୋଗେ, ହର ଘର ସେ ଅଫଜଲ ନିକଲେଗା' ର ସ୍ଲୋଗାନ ଦେଇଥାନ୍ତି ତ କେତେବେଳେ ତୁମ 'କିତନେ ହିଡମା ମାରୋଗେ, ହର ଘର ସେ ହିଡମା ମାରୋଗେ'ର ସ୍ଲୋଗାନ ଦେଇଥାନ୍ତି । ଏହି ଅର୍ବାନ ନକ୍ସଲ ମାନଙ୍କ ବିଷୟରେ ଆଉ ଏକ କଥା ସ୍ପଷ୍ଟ ଭାବେ ଦେଖା ଯାଇ ପାରେ ଯେ ସେମାନେ ଇସଲାମୀ ଆତଙ୍କବାଦୀ ବା ଲାଲ ଆତଙ୍କବାଦୀ ମାନଙ୍କ ପାଇଁ ସବୁବେଳେ ଠିଆ ହୋଇଥାନ୍ତି । ମଧ୍ୟ ରାତ୍ରୀରେ ମଧ୍ୟ ସେମାନେ ଏହି ଆତଙ୍କବାଦୀ ମାନଙ୍କୁ ଫାସିରୁ ବଂଚାଇବାକ ନ୍ୟାୟାଳୟକୁ ଖୋଲା କରାଇବାକୁ ଚେଷ୍ଟା କରିଥାନ୍ତି ।

ଏହି ଅର୍ବାନ ନକ୍ସଲବାଦୀ ମାନଙ୍କର ଆଭିମୁଖ୍ୟ ସ୍ପଷ୍ଟ । ସେମାନେ ଭାରତକୁ ଦୁର୍ବଳ କରିବାକୁ ଚେଷ୍ଟିତ ଥିବା ସମସ୍ତ ଶକ୍ତି ସହ ଖୋଲାଖୋଲି ଭାବେ ଠିଆ ହେବେ । କାରଣ ଭାରତ ଦୁର୍ବଳ ହେଉ, ବା ଭାରତରେ ଅରାଜକତା ସୃଷ୍ଟି ହେଉ ତାହା ହିଁ ତାଙ୍କର ଇଚ୍ଛା । ଭାରତ ଦୁର୍ବଳ ହେଲେ କିମ୍ବା ଭାରତରେ ଅରାଜକତା ସୃଷ୍ଟି ହେଲେ ହିଁ ସେମାନଙ୍କର ତଥାକଥିତ ବିପ୍ଳବ ହୋଇ ପାରିବ । ତେବେ ଭାରତର ନାଗରିକ ମାନେ ସେମାନଙ୍କୁ ଭଲ ଭାବେ ଚିହ୍ନିବା ଦରକାର । ଯଦି କିଏ ପରିବେଶ କିମ୍ବା ଅନ୍ୟ କୌଣସି ଭଲ ପ୍ରସଙ୍ଗ ନେଇ ବିକ୍ଷୋଭ କରୁଛି ତାର ଅର୍ଥ ନୁହେଁ ସେ ପରିବେଶ ପାଇଁ ଚିନ୍ତିତ । ସେ ପରିବେଶ ସୁରକ୍ଷା ମୁଖା ପିନ୍ଧା ଅର୍ବାନ ନକ୍ସଲ ହୋଇ ଥାଇ ପାରେ ।

# ପାର୍ଲିଆମେଂଟରେ ନିଷ୍ଫଳ ବିତର୍କ !

ପାର୍ଲିଆମେଂଟରେ ଗତ ସପ୍ତାହରେ ଦୁଇଟି ପ୍ରସଙ୍ଗ 'ବନ୍ଦେ ମାତରଂ' ଏବଂ ନିର୍ବାଚନ ସଂସ୍କାର ଉପରେ ସ୍ୱତନ୍ତ୍ର ବିତର୍କ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଦୀର୍ଘ ସମୟ ଧରି ଉତ୍ଫୁଲିତ ଏବଂ ଉତେଜିତ କରି ରଖିଥିବା ସତ୍ୱେ ଆଲୋଚନାରୁ କୌଣସି ସୁଫଳ ମିଳିନଥିବା ମନେହୁଏ । ଏହା ସତ୍ୟ ଯେ, ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତକୁ ସ୍ୱାଧୀନ କରିବା ପାଇଁ ଜାତି, ଧର୍ମ ବର୍ଣ୍ଣ, ନିର୍ବିଶେଷରେ ବନ୍ଦେ ମାତରଂ ପ୍ରେରଣାର ଉତ୍ସାହ ଥିଲା । ବନ୍ଦେ ମାତରଂ ଗାନ ବିଟ୍ରିଶ ଶାସନ ବିରୁଦ୍ଧରେ କୋଟି କୋଟି ଭାରତୀୟଙ୍କୁ ଏକଜୁଟ କରିପାରିଥିଲା । ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ୧୮୮୫ ମସିହାରେ ଲିଖିତ ଏବଂ ତାଙ୍କର ଉପନ୍ୟାଶ 'ଆନନ୍ଦମଠ'ରେ ପ୍ରକାଶିତ ବନ୍ଦେ ମାତରଂ ୧୫୦ତମ ବର୍ଷ ପୂର୍ତ୍ତି ଏବେ ଏହି ବର୍ଷ ଦେଶବ୍ୟାପୀ ପାଳିତ ହେଉଛି । ବିଟ୍ରିଶ ଶାସନରୁ ଦେଶକୁ ସ୍ୱାଧୀନ କରିବା ପାଇଁ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିବା ଭାରତୀୟ ଜାତୀୟ କଂଗ୍ରେସ(ଆଇଏନସି) ୧୯୩୭ ମସିହାରେ ଏହାର ଦୁଇଟି ପାରାକୁ ଦେଶବାସୀଙ୍କୁ ଏକଜୁଟ କରିବା ପାଇଁ ଗ୍ରହଣ କରିବାକୁ ନିଷ୍ପତି ନେଇଥିଲା । ପରବର୍ତୀ ସମୟରେ ଦେଶ ସ୍ୱାଧୀନ ହେବା ପରେ ସାଧାରଣତନ୍ତ୍ର ଭାରତର ସମ୍ବିଧାନ ଏହି 'ପାରା' ଦୁଇଟିକୁ ଦେଶର ଜାତୀୟ ଗୀତ ଭାବେ ମର୍ଯ୍ୟଦା ପ୍ରଦାନ କରିଥିଲା । ଏବେ ଏହି ଦୁଇଟି ପାରା ବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ଉତ୍ସବାନୁଷ୍ଠାନରେ ଗାନ କରାଯାଉଛି । ସ୍ୱାଧୀନତା ସଂଗ୍ରାମରେ ବନ୍ଦେ ମାତରଂର ଭୂମିକା ଦେଶବାସୀଙ୍କ ପାଇଁ ଏବେ କେବଳ ସ୍ମରଣୀୟ ହୋଇ ରହିନାହିଁ । ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହୋଇଛି । ସ୍ୱାଧୀନତା ସଂଗ୍ରାମରେ ଏହାର ଉଦ୍ଧମତା ପ୍ରେରଣା ଏବଂ ଦେଶ ଗଠନରେ ଏହାର ଉଦ୍ଦେଶ୍ୟ, ଲକ୍ଷ୍ୟ ଏବେ ବି ଜନସାଧାରଣଙ୍କ ହୃଦୟରେ ଉଜ୍ଜୀବତ ହୋଇରହିଛି । କିନ୍ତୁ ଦୁର୍ଭାଗ୍ୟ ଜନକ ଯେ, ପାର୍ଲିଆମେଂଟରେ ବନ୍ଦେ ମାତରଂ ଗୀତ ରଚନାର ୧୫୦ତମ ବାର୍ଷିକୀ ସ୍ମୃତି ପାଳନ ବିତର୍କ କେବଳ ଗାଳି, ସମାଲୋଚନାରେ ପାରିତ ହୋଇଥିଲା, ଯାହାକି କେତେକ ପୁରୁଣା କ୍ଷତକୁ ଉଜ୍ଜୀବତ କରିଛି ଏବଂ ଆରୋପ ପ୍ରତ୍ୟାରୋପର କ୍ଷେତ୍ର ପାଲଟିଥିଲା । ଲୋକସଭା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଲୋଚନା ଆରମ୍ଭ କରି ଗୀତର ପ୍ରଥମ ଦୁଇଟି ପାରାକୁ ଗାନ ପାଇଁ ଗ୍ରହଣ କରି ଭାରତୀୟ ଜାତୀୟ କଂଗ୍ରେସ ଦେଶ ବିଭାଜନର ମଂଜି ବୁଣିଥିବା ଦର୍ଶାଇଥିଲେ । ଯେଉଁଥିପାଇଁ କି ସ୍ୱତନ୍ତ୍ର ପାକିସ୍ଥାନ ରାଷ୍ଟ୍ର ଗଠନ ପାଇଁ ମୁସଲିମ ଲିଗ୍ ସମର୍ଥ ହୋଇଥିଲା । ସେହିପରି ବିରୋଧି ଦଳ ପକ୍ଷରୁ ଲୋକସଭାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ର ଏବଂ ରାଜ୍ୟସଭାରେ କଂଗ୍ରେସର ସଭାପତି ମଲ୍ଲିକାର୍ଜୁନ ଖଡଗେ ବିତର୍କରେ ଅଂଶଗ୍ରହଣ କରି ଗୀତ'ର ଐତିହାସିକ ପରିସ୍ଥିତି ସମ୍ପର୍କରେ ବ୍ୟାଖ୍ୟା କରିବା ସହ ଏହି ବିତର୍କର ଆବଶ୍ୟକତା ସମ୍ପର୍କରେ ପ୍ରଶ୍ନ କରିଥିଲେ । ପ୍ରିୟଙ୍କା କହିଥିଲେ ଯେ, ଅତୀତ ଉପରେ ଆଲୋଚନା କରିବା ପରିବର୍ତେ ପାର୍ଲିଆମେଂଟ ବର୍ତମାନ ଦେଶ ସମ୍ମୁଖୀନ ହୋଇଥିବା ସମସ୍ୟାବଳୀ ଉପରେ ଆଲୋଚନା କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ, ଯାହାକି ଯଥାର୍ଥ ମନେହୁଏ । ଏହା ନିସନ୍ଦେହ ଯେ, ବର୍ତମାନର ଏକ ଜାତୀୟ ସମୁଦାୟ ପାଇଁ ଅତୀତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମାତ୍ର ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଇତିହାସ ଉପଯୁକ୍ତ ଶିକ୍ଷା ଆମେ ଗ୍ରହଣ କରିବା ଉଚିତ, କିନ୍ତୁ ବାରମ୍ବାର ଭୁଲକୁ ଏଡାଇଯିବା ଜରୁରୀ । ସ୍ୱାଧୀନତା ଆନ୍ଦୋଳନରେ ବନ୍ଦେ ମାତରଂ, ଜାତି, ଧର୍ମ, ନିର୍ବିଶେଷର ସମସ୍ତ ସମ୍ପ୍ରଦାୟକୁ ଉଦ୍‌ବୁଦ୍ଧ କରିଥିଲା । ହିନ୍ଦୁଙ୍କ ସହ ଲକ୍ଷଲକ୍ଷ ମୁସଲିମ ବନ୍ଦେ ମାତରଂ ଗାନ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ମର୍ଯ୍ୟଦାଜନକ ଜାତୀୟ ଗୀତକୁ ନେଇ ପକ୍ଷପାତ ଏବଂ ସାମ୍ପ୍ରଦାୟିକ ରୂପରେଖ ଦେବା ଗ୍ରହଣୀୟ ନୁହେଁ । ସେହିପରି ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ନିର୍ବାଚନ ସଂସ୍କାର । ଦେଶରେ ନିର୍ବାଚନକୁ ଅବାଧ, ମୁକ୍ତ, ସ୍ୱଚ୍ଛ କରିବା ବୋଲି କୁହାଯାଇପାରେ । ବହୁ ଚର୍ଚ୍ଚିତ ଭୋଟର ତାଲିକା ଯାଂଚ ତିନି ଦିନ ଧରି ପାର୍ଲିଆମେଂଟ ଅଚଳ ରହିବା ପରେ ଆଲୋଚନା ପାଇଁ ସହମତି ପ୍ରକାଶ ପାଇଥିଲା । ଏହା ନିସନ୍ଦେହ ଯେ, ଯେକୌଣସି ପ୍ରସଙ୍ଗର ସମାଧାନ ପାଇଁ ପାର୍ଲିଆମେଂଟରେ ଆଲୋଚନା ସୁଯୋଗ ବା କ୍ଷେତ୍ର ପ୍ରସ୍ତୁତ କରିଥାଏ । ଦେଶରେ ନିର୍ବାଚନ ପ୍ରକ୍ରୀୟାରେ ସ୍ୱଚ୍ଛତା, ଏସଆଇଆରର ସରଳୀକରଣ, ଏବଂ ସ୍ୱଚ୍ଛତା, ନିର୍ବାଚନ ପାଣ୍ଠି ବା ବଣ୍ଟରେ ସ୍ୱଚ୍ଛତା, ନିର୍ବାଚନ କମିଶନଙ୍କ ସ୍ୱାଧୀନତା ଉପରେ ଆଲୋଚନାର ଆବଶ୍ୟକତା ଥିବାବେଳେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ମୁଖ୍ୟ ପ୍ରସଙ୍ଗକୁ ଏଡାଇ ଯାଇ ତାଙ୍କର ବହୁଚର୍ଚ୍ଚିତ ଭୋଟ ଚୋରୀ ଉପରେ ବିତର୍କ କରିବା ଯାହାକି କୌଣସି ପ୍ରଶ୍ନ, ଛାଡିଯାଇ ନାହିଁ କି ଉତର ପାଇବା ଆଶା ନଥିବା ମନେହୁଏ । ନିର୍ବାଚନ ସଂସ୍କାର ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିରୋଧି ହାତ ଛଡା କରିଛି, ଏଥିରେ ସନ୍ଦେହ ନାହିଁ ।

# ନୂଆ ଜୀବନ ଓ ଆନନ୍ଦ ସନ୍ଧାନେ 'ଦି ବ୍ରେନ'

**ପ୍ରଫେସର ଡାକ୍ତର ସମ୍ରାଟ କର**

୨୦୨୧ ବେଳର କଥା, ଏକ ବର୍ଷଣମୁଖର ଅପରାହ୍ନରେ ଓଦା ସରସର ଦୁଇଟି ଛୁଆଙ୍କୁ ଧରି ଜଣେ ମହିଳା ଆମ କ୍ଲିନିକର ବାହାର ଗେଟରେ କରାଘାତ କରୁଥିଲେ । ପ୍ରଥମେ ପିନ୍ଧିବାକୁ ବସ୍ତ୍ର, ଖାଇବା ପିଇବା ପରେ ସେମାନେ ଆଶ୍ୱସ୍ତ ହୋଇଥିଲେ । ପୁରୀ ଅଞ୍ଚଳର ସେହି ମହିଳାଙ୍କର ସମ୍ପତ୍ତି ବାଡ଼ି ଓ ସବୁକିଛି ବନ୍ଧୁବର୍ଗ ଓ ପଡ଼ୋଶୀ ନେଇ ଯାଇଥିବାରୁ ସେମାନେ ସମ୍ପୂର୍ଣ୍ଣ ଅନାଥ ହୋଇଯାଇଛନ୍ତି । ତାଙ୍କର ମାନସିକ ଚିକିତ୍ସା ସହ ଦୁଇ ପିଲାଙ୍କ ପାଠପଢ଼ା ଆଉ ଆନୁସଙ୍ଗିକ ଖର୍ଚ୍ଚ ଦାୟିତ୍ୱ ନେଇଥିଲା ଦି'ବ୍ରେନ ଫାଉଣ୍ଡେସନ ଅନୁଷ୍ଠାନ । ସେହିପରି ବ୍ରହ୍ମପୁର ସୁଜାତା - ସୁମନ୍ତଙ୍କ ଘଟଣା ପୁରାପୁରି ଅଲଗା । ପରସ୍ପର ପରସ୍ପର ଚରିତ୍ରକୁ ସନ୍ଦେହ କରି ପ୍ରେମ ବିବାହର ଦିନ କେଇଟା ପରେ ଉଜୁଡ଼ି ଯାଉଥିବା ଦମ୍ପତି ଯେତେବେଳେ ଆମ ଅନୁଷ୍ଠାନରେ ପରାମର୍ଶ ପାଇଁ ଆସିଥିଲେ, ବେଶି କିଛି ନୁହେଁ କିଛି ଘଣ୍ଟା ଭିତରେ ପ୍ରାଥମିକ ଭାବେ ଓ କିଛି ଦିନ ଭିତରେ ଦୁଇ ଦୁଇଜଣଙ୍କୁ ପୁନର୍ବାର ଭଲ ପାଇବାକୁ ଅତୁଟ ରଖିବାର ନିଷ୍ପତ୍ତି ନେଲେ । ଜଣେ ମାନସିକ ରୋଗ ବିଶେଷଜ୍ଞ ହିସାବରେ ମୋ ପାଇଁ ଏହା ଜୀବନର ଅନ୍ୟତମ ପ୍ରମୁଖ ଖୁସି । ନିତିଦିନ କ୍ଲିନିକ୍‌ରେ ଅନେକ ପ୍ରକାର ମାନସିକ ପରାମର୍ଶ, ଚିକିତ୍ସା ଓ ସହଯୋଗ ଚାହୁଁଥିବା ଭିନ୍ନ ଭିନ୍ନ ଚରିତ୍ରର ଲୋକମାନଙ୍କୁ ଦେଖିଥାଏ । ସେମାନଙ୍କ ଭିତରୁ ଅନେକ କେବଳ ପରାମର୍ଶରେ ହିଁ ସେମାନଙ୍କ ମାନସିକ ଚିକିତ୍ସା ଶେଷ ହୋଇଥାଏ । ଏପରି ଅନୁଭୂତି ମୋ ପାଇଁ କ୍ୱଚିତ ହୋଇପାରେ କିନ୍ତୁ ନିୟମିତ ।

ଯୁବ ବର୍ଗ, ନିଶା ସେବନ, ନିଶା ସେବନଜନିତ ଅପରାଧ ଭାବନା, ଆଜିର ସମାଜ ପାଇଁ ଏକ ବଡ଼ ଆହ୍ୱାନ । ଏ କ୍ଷେତ୍ରରେ ଅନେକ ପୀଡ଼ିତଙ୍କ ପରିବାର ବର୍ଗ ମୋ ପରାମର୍ଶ ଲୋଡ଼ି ଥିବାବେଳେ ସେମାନେ ପ୍ରାଥମିକ ଭାବେ ଚିକିତ୍ସା ହୁଅନ୍ତି, ମନସ୍ତାତ୍ତ୍ୱିକ ପରାମର୍ଶ ସେମାନଙ୍କ ଜୀବନକୁ ବଦଳାଏ । ସେମାନଙ୍କ ଭିତରୁ କ୍ୱଚିତକୁ ଆମ ରିହାବିଲଟେସନ କେନ୍ଦ୍ରରେ ଏକ ସ୍ୱଳ୍ପକାଳୀନ ପରାମର୍ଶ ଯାହା ଦରକାର ପଡ଼ିଥାଏ । ସେହିପରି ପରିଣତ ବୟସର ବୟସ୍କ ନାଗରିକମାନେ ଆଜିକାଲି ଅନେକ କ୍ଷେତ୍ରରେ ବିଶେଷକରି ମାନସିକ ଭାବରେ ଏପରି ଦୁଃଖିତ ଓ ମର୍ମାହତ ଯେ ସେମାନଙ୍କୁ ଏହା ମାନସିକ ରୋଗୀରେ ପରିଣତ କରିଦିଏ । ସେମାନଙ୍କ ଭିତରୁ ଅନେକଙ୍କୁ ଦୀର୍ଘକାଳୀନ ପରାମର୍ଶ ଓ ଚିକିତ୍ସା ଦରକାର ପଡ଼ିଥାଏ । ପରିବାର ଠାରୁ ଦୂରରେ ରହି ଜୀବନର ଅପରାହ୍ନରେ ସାମ୍ନା କରୁଥିବା କଷ୍ଟକର ମୁହୂର୍ତ୍ତ ସେମାନଙ୍କୁ ଭିନ୍ନ ଏକ ମାନସିକ ପୀଡ଼ା ଦେଇଥାଏ । ଏପରି କ୍ଷେତ୍ରରେ ମୋ ପରାମର୍ଶ ସେମାନଙ୍କ ଜୀବନର ଶେଷ ସୂର୍ଯ୍ୟାସ୍ତ ମୁହୂର୍ତ୍ତକୁ କିନ୍ତୁ ନୂଆ ଆନନ୍ଦରେ ପରିଣତ କରିବାରେ ପରିଣତ କରିବାରେ ଯଥେଷ୍ଟ ହୋଇଥାଏ । ପ୍ରେମ, ଏ କ୍ଷେତ୍ର ଆଉ ଭାବନା, ପରାମର୍ଶ କଥା ଚିନ୍ତା କଲେ ମୋ କ୍ଲିନିକ୍‌ରେ ଏପରି ପୀଡ଼ିତ, ନିର୍ଯ୍ୟାତିତ, ଦୁଃଖିତ ଓ କେତେକ ଅସାମାଜିକ କାମରେ ମଧ୍ୟ ଲିପ୍ତ ସେମାନଙ୍କୁ ମୁଁ ସାମ୍ନା କଲାବେଳେ ସେମାନଙ୍କ ଜୀବନ ପୃଷ୍ଠାର କାହାଣୀ ଭିତରେ କିନ୍ତୁ ରହିଥାଏ ଏକ ଭିନ୍ନ ଜୀବନ, ଯେଉଁ ଜୀବନ ବର୍ତ୍ତମାନର ଜୀବନ ନୁହଁ । ବାସ୍ ସେମାନେ ହୁଅନ୍ତି ମୋ ପାଇଁ କେସ ଷ୍ଟଡି । ମାସ କେତେଟା ଭିତରେ ସେମାନେ ନୂଆ ଜୀବନ ରାସ୍ତାରେ ଆଗେଇ ଆନନ୍ଦ ପାଇବାର ମୁହୂର୍ତ୍ତକୁ ସମ୍ଭବତଃ ମୁଁ ଭାବେ ମୋ ଚିକିତ୍ସା କ୍ଷେତ୍ରର ସବୁଠାରୁ ବଡ଼ ଗୌରବପୂର୍ଣ୍ଣ ପ୍ରାପ୍ତି ।

ଦାମ୍ପତ୍ୟ ଭିତରେ କଳହ, ସନ୍ଦେହ, ବିଶେଷକରି ଗୁଣୀଗାରେଡ଼ି ପରି ଭୟଙ୍କର ଅନ୍ଧବିଶ୍ୱାସ ଆଜିର ମାନସିକ ଚିକିତ୍ସକ ବିଜ୍ଞାନ କ୍ଷେତ୍ରରେ ଏକ ନିତିଦିନିଆ ଘଟଣା କିନ୍ତୁ ଜୀବନକୁ ନିରୀକ୍ଷେଇ ଦେଖିଲେ ବାସ୍ତବିକ ନିଜ ଭିତରର କିଛି ଭ୍ରାନ୍ତି, ଉଦ୍‌ଭଟ ଓ ଭିନ୍ନ ବିଚାରଧାରା ଘଟଣାକୁ, ପରିବେଶକୁ କିଛି ବ୍ୟକ୍ତିବର୍ଗଙ୍କୁ ସେମାନଙ୍କ ନିଜ ରାସ୍ତାରୁ ପୃଥକ କରିଦେଇଥାଏ । ଜୀବନରେ ବାସ୍ତବିକ କେହି ଅପରାଧୀ ହୋଇ ଜନ୍ମ ହୋଇନଥାଏ । ମାନସିକ ଚିକିତ୍ସା ରୋଗ କ୍ଷେତ୍ରରେ ସବୁ ରୋଗୀ ପିଲାବେଳୁ ମାନସିକ ଭିନ୍ନକ୍ଷମ ନୁହଁନ୍ତି କିନ୍ତୁ କେତେକ କ୍ଷେତ୍ରରେ ସେମାନଙ୍କର ପରିବାରର ବିଶେଷ କରି ପିତାମାତାଙ୍କର ଦୁଃଖଦ ଘଟଣା ସେମାନଙ୍କୁ ପିଲାଟି ଦିନରୁ ହିଁ ଭିନ୍ନକ୍ଷମରେ ପରିଣତ କରିଦେଇଥାଏ । ଏପରି ପିଲାମାନଙ୍କୁ ଚିକିତ୍ସା ଓ ପରାମର୍ଶ ଦେବା କ୍ଷେତ୍ର ମୋତେ ଅନେକ ଭାବପ୍ରବଣତାକୁ ମଧ୍ୟ ସାମ୍ନା କରିବାକୁ ପଡ଼ିଥାଏ । ଏ ସବୁ ଭିତରେ ଗୋଟିଏ ହିଁ ଜୀବନ ଚିତ୍ର ତାହା ହେଉଛି ମାନସିକ ଭାବନାରେ ଦୁଃଖିତ ବା ପୀଡ଼ିତ ଜଣକୁ ଚିକିତ୍ସା ସେବା ଭିତରେ ମାନବୀୟ ମୂଲ୍ୟବୋଧ ରହିଥାଏ । ଅନେକ କ୍ଷେତ୍ରରେ ଏହି ଅନୁଷ୍ଠାନ ନିଜ ହାତରୁ ହିଁ ସେମାନଙ୍କ ପାଇଁ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥାଏ । ବିଶ୍ୱସ୍ତରରେ ଖ୍ୟାତିସମ୍ପନ୍ନ ତଥା ଦି'ବ୍ରେନର ପ୍ରତିଷ୍ଠାତା ହେଉଛନ୍ତି ସ୍ୱର୍ଗତଃ ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କର । ଡକ୍ଟର ଗାୟତ୍ରୀ ଦେବୀ ହେଉଛି ଏହାର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତ୍ରୀ । ମାନସିକ କ୍ଷେତ୍ରରେ ମୋର ଭଲଭାବେ ମନେ ଅଛି ବାପା ଅନେକ ମାନସିକ ପୀଡ଼ିତ ମାନଙ୍କ ପାଇଁ ପରବର୍ତ୍ତୀ ସମୟରେ ସ୍ୱାଭାବିକ ଜୀବନ ନିର୍ବାହ କରୁଥିବା ଝିଅ ମାନଙ୍କ ବିବାହ ଦାୟିତ୍ୱ ନିଜେ ନିର୍ବାହ କରୁଥିଲେ । ଏକ ଘଟଣାରେ ମୋତେ ଜଣେ ଏହି କଥାଟିକୁ ମନେ ପକାଇ ଦେଇଥିଲେ । ଭାତ ହାଣ୍ଡିରୁ ଗୋଟିଏ ପରି ଏ ଅନୁଷ୍ଠାନ ପାଇଁ ଏହା ନିତିଦିନିଆ ପ୍ରାୟତଃ ଘଟଣା । ଆଜି ଦି'ବ୍ରେନ ଅନୁଷ୍ଠାନ ସମାଜରେ ମାନସିକ କ୍ଷେତ୍ରରେ ଅବହେଳିତ ଏବଂ ପରିଚୟହୀନ ମାନସିକ ଭିନ୍ନକ୍ଷମଙ୍କ ପାଇଁ ଅନୁଷ୍ଠାନ କାର୍ଯ୍ୟରତ । ଫାଉଣ୍ଡେସନର ରିହାବିଲ୍‌ଟେସନ କେନ୍ଦ୍ରରେ ଏହାର ଚିକିତ୍ସା, ପରାମର୍ଶ, ମନସ୍ତାତ୍ତ୍ୱିକ ଉପଚାରର ସମସ୍ତ ବ୍ୟବସ୍ଥା କରାଯାଏ । ଜୀବନରେ ଆନନ୍ଦ ପରିପୂରଣ କରିବାରେ ଏହି ଅନୁଷ୍ଠାନ ନିଜକୁ ଆଗେଇ ନେବାରେ ସମସ୍ତଙ୍କ ଆଶୀର୍ବାଦ ଓ ଭଲ ପାଇବା କାମନା କରୁଛୁ ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ପିଲାଙ୍କ ଦୃଷ୍ଟି ସମସ୍ୟା ଦୂରେଇବାର ସହଜ ଉପାୟ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଆପଣଙ୍କ ପିଲା କେତେ ସମୟ ମୋବାଇଲ ଦେଖୁଛି ? କେତେ ସମୟ ଟିଭି ବା ସୋସିଆଲ ମିଡ଼ିଆରେ ଏକାଗ୍ର ଚିତ୍ତରେ ନିଜ ଦୃଷ୍ଟି ନିବଦ୍ଧ କରିରଖୁଛି ? ଆଜି ହୁଏତ ନୁହଁ କିନ୍ତୁ ପରବର୍ତ୍ତୀ ସମୟରେ ଏହା ପିଲାଟି ପାଇଁ ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହେବ । ଦୈନନ୍ଦିନ କାର୍ଯ୍ୟ ମାଧ୍ୟମରେ ଶିଶୁର ଦୀର୍ଘକାଳୀନ ଦୃଷ୍ଟି ସମସ୍ୟାକୁ ବହୁ ପରିମାଣରେ ହ୍ରାସ କରାଯାଇ ପାରିବ । ଆଜି ସେଭଳି କିଛି ସାଧାରଣ ଅଭ୍ୟାସ ବାବଦରେ ଆଲୋଚନା କରିବା । ପିଲା ଟିଭି, ଟାବଲେଟ, ସ୍ମାର୍ଟଫୋନ ଓ କମ୍ପ୍ୟୁଟର ପରି ସ୍କ୍ରିନ ସହ ଦୀର୍ଘ ସମୟ ଅତିବାହିତ କରିବା ଦ୍ୱାରା ଡିଜିଟାଲ ଚକ୍ଷୁ ଚାପ ଏବଂ ମାୟୋପିଆ ସମୀପ ଦୃଷ୍ଟି ମଧ୍ୟ ହୋଇପାରେ । ତେଣୁ ସ୍କ୍ରିନ ବ୍ୟବହାର ପାଇଁ ସମସ୍ତ ସୀମା ସ୍ଥିର କରିବା ଦରକାର । ପ୍ରତି ୨୦ ମିନିଟରେ ଟିକେ ବିରତି ନେବା ଆବଶ୍ୟକ । ସେହିପରି ପ୍ରତିଦିନ ଘର ବାହାରେ ଅତି କମରେ ୧ରୁ ୨ଘଣ୍ଟା ବିତାଇବା ଦ୍ୱାରା ପିଲାମାନଙ୍କ ମଧ୍ୟରେ ମାୟୋପିଆ ହେବାର ଆଶଙ୍କା ହ୍ରାସ ପାଇଥାଏ ।

ପ୍ରାକୃତିକ ଆଲୋକରେ ଦୂର ଦୂରାନ୍ତର ଧ୍ୟାନ ସୁସ୍ଥ ଦୃଷ୍ଟି ବିକାଶ କରିବାରେ ସାହାଯ୍ୟ କରେ । ତେଣୁ ସାଇକେଲିଂ କିମ୍ବା ଫୁଟବଲ, ହକି କି କ୍ରିକେଟ ଭଳି ବାହାର ଖେଳ ଅତ୍ୟନ୍ତ ଲାଭଦାୟକ । ଏଥିସହ ପିଲା ଯେଭଳି ଆଲୋକିତ ପରିବେଶରେ ପଢ଼େ କିମ୍ବା ଗୃହକାର୍ଯ୍ୟ କରେ, ସେଥିପ୍ରତି ଦୃଷ୍ଟି ଦେବା ଦରକାର । କମ ଆଲୋକ ଆଖିକୁ ଚାପ ଦେଇ ମୁଣ୍ଡବିନ୍ଧା ଓ ଥକାପଣ ସୃଷ୍ଟି କରିପାରେ । ପ୍ରାକୃତିକ ଦିବାଲୋକ କିମ୍ବା ଉଜ୍ୱଳ କିନ୍ତୁ ନରମ କୃତ୍ରିମ ଆଲୋକ ଆଖି ଚାପ ହ୍ରାସ କରିବା ପାଇଁ ସର୍ବୋତ୍ତମ । ପଢ଼ିଲା ବେଳେ ପୁସ୍ତକ କିମ୍ବା ସ୍କ୍ରିନକୁ ଆଖିଠାରୁ ଅତି କମରେ ୧୨ରୁ ୧୬ ଇଞ୍ଚ ଦୂରରେ ରଖିବାକୁ ଶିଖାନ୍ତୁ । ସାମଗ୍ରୀ ଗୁଡ଼ିକୁ ଅତ୍ୟଧିକ ପାଖରେ ରଖିଲେ ଆଖି ଚାପ ସୃଷ୍ଟି ସହ ସୀମପଦୃଷ୍ଟି ଆଶଙ୍କା ବଢ଼ିପାରେ । ସେହିପରି ବାରମ୍ବାର ଆଖି ମିଟିମିଟି କରିବା, ଆଖି ଘୁରାଇବା କିମ୍ବା ନିକଟରୁ ଦୂରକୁ ଧ୍ୟାନ ସ୍ଥାନାନ୍ତର କରିବା ଆଦି ସରଳ ବ୍ୟାୟାମ ଦ୍ୱାରା ଆଖିର ମାଂସପେଶୀ ମଜଭୁତ ହୋଇପାରେ । ଏଥି ସହିତ ଭିଟାମିନ ଏ,ସି,ଇ ସହ ଜିଙ୍କ ଓ ଓମେଗା-୩ ଚର୍ବିଳାମ୍ଳ ସମ୍ବଳିତ ଗାଜର, ପତ୍ରଯୁକ୍ତ ସବୁଜ ପନିପରିବା, ମିଠା ଆଳୁ, ଅଣ୍ଡା, ବାଦାମ ଏବଂ ମାଛ ଆଦି ଖାଦ୍ୟ ଗ୍ରହଣ ଦୃଷ୍ଟି ଶକ୍ତି ହ୍ରାସ ଆଶଙ୍କା ହ୍ରାସ କରି ଆଖିକୁ ସୁସ୍ଥ ରଖିଥାଏ । ସର୍ବୋପରି ଚକ୍ଷୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ୍ରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହିପରି ଶରୀରର ଡିହାଇଡ୍ରେସନ ବା ଜଳାଭାବରୁ ଆଖି ଶୁଷ୍କ ହୋଇପାରେ । ତେଣୁ ଆଖିକୁ ଆର୍ଦ୍ର ତଥା ଆରାମଦାୟକ ରଖିବା ପାଇଁ ବିଶେଷକରି ଶୁଷ୍କ କିମ୍ବା ବାତାନୁକୁଳିତ ପରିବେଶରେ ପିଲା ଯେପରି ଦିନ ସାରା ପର୍ଯ୍ୟାପ୍ତ ପାଣି ପିଏ, ସେଥିପ୍ରତି ଦୃଷ୍ଟି ଦେବା ଦରକାର । ପିଲାମାନେ ପ୍ରାୟତଃ ମଇଳା ହାତରେ ଆଖି ଘଷନ୍ତି, ଯାହା କଞ୍ଜକ୍ଟିଭାଇଟିସ୍ ଭଳି ସଂକ୍ରମଣ ହୋଇପାରେ । ତେଣୁ ହାତକୁ ସଫା ରଖିବାକୁ ସେମାନଙ୍କୁ ଉତ୍ସାହିତ କରିବା ସହ ଆଖି ଘଷିବାକୁ ନିରୁତ୍ସାହିତ କରନ୍ତୁ । ଏହି ସବୁ ଛୋଟ ଅଥଚ ଭଲ ଅଭ୍ୟାସ ଗୁଡ଼ିକୁ ନିଜ ପିଲାର ଦୈନନ୍ଦିନ ଜୀବନରେ ସାମିଲ କରି ଚକ୍ଷୁ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ସହ ତାହାର ଏକାଗ୍ରତା, ଶିକ୍ଷଣ ଏବଂ ଆତ୍ମବିଶ୍ୱାସକୁ ମଧ୍ୟ ଉନ୍ନତ କରିହେବ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

# ସଂଘନୀତି

**ଶ୍ରୀ ସଚ୍ଚିଦାନନ୍ଦ ନନ୍ଦ**

ନିରାମୀଶାସି ଶକ୍ତି ପୂଜା ଓ ଆମିଶାସି ଶକ୍ତିପୂଜା ଭଳି ଦୁଇ ଦୁଇଭାଗ ହେଲେ । ଯାହା ଏ ପର୍ଯ୍ୟନ୍ତ ମଧ୍ୟ ବିଦ୍ୟମାନ ।

ଆଦି ଶଙ୍କରାଚାର୍ଯ୍ୟ ତାଙ୍କ ଅଦ୍ୱୈତ ଦର୍ଶନ ବଳରେ ଏହାର ସମାଧାନ କରିଦେଲେ ପ୍ରାୟ ସମସ୍ତ ସମ୍ପ୍ରଦାୟ ଶଙ୍କରଙ୍କୁ ମାନିଲେ । କିନ୍ତୁ ଏହାର ଶହ ଶହ ବର୍ଷପରେ ବିଶିଷ୍ଟାଦୈତ ମତ ଉତ୍ତାପନ କଲେ ଶ୍ରୀରାମାନୁଜଚର୍ଯ୍ୟ । ଏହାର ସପକ୍ଷବାଦୀମାନେ ଅଦୈତ ଦର୍ଶନକୁ ବିରୋଧ କଲେ । ନୂତନ ସମ୍ପ୍ରଦାୟ ସୃଷ୍ଟି ହେଲା । ମାଧବାଚାର୍ଯ୍ୟଙ୍କ ଦ୍ୱୈତବାଦ ନୂତନ ଦର୍ଶନ ସୃଷ୍ଟିକଲା । ଏହା ସହ ଆଉ ଏକ ନୂତନ ସମ୍ପ୍ରଦାୟ ସୃଷ୍ଟି ହେଲା । ଯଦିଓ ସବୁ ସମ୍ପ୍ରଦାୟର ଲକ୍ଷ ଏକ ତାହା ସମସ୍ତେ ବୁଝିଲେ ନାହିଁ । ନିଜ ନିଜ ବିଦ୍ୟାଳୟକୁ ଏକ ଏକ ସମ୍ପ୍ରଦାୟ ନାମ ଦେଇ ନୂଆ ପ୍ରକାର ବିଭ୍ରାଟ ସୃଷ୍ଟି ହେଲା । ଏଥିରେ ସମାଧାନ ଓ ସମନ୍ୱୟ ଆଣିବା ପାଇଁ ବହୁ ମହାମନୀଷିମାନେ ବହୁ ଉପାୟ ଅବଲମ୍ବନ କଲେ । ଶ୍ରୀରାମକୃଷ୍ଣ ପରମହଂସ ଏଥିରେ କୃତକାର୍ଯ୍ୟ ହୋଇଥିଲେ । ତାଙ୍କ ପରେ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ମିଶନ ଜରିଆରେ ସେବାକର୍ମ କରି ଶ୍ରୀରାମକୃଷ୍ଣଙ୍କ ଆଦର୍ଶକୁ କର୍ମରେ ସମ୍ପାଦନ କରି ଦେଖାଇଦେଲେ । ଏହା ଫଳିତ ବେଦାନ୍ତ ନାମ ବହନ କଲା । ପୃଥିବୀର ମହା ମହା ପ୍ରବକ୍ତାମାନେ ଏହା ସପକ୍ଷରେ ମତ ଦେଲେ । କିନ୍ତୁ ସମାଜରେ ସାଧାରଣ ଲୋକଙ୍କ ଚେତନାରେ ପୂର୍ବ ସଂକୀର୍ଣ୍ଣତା ରହିଗଲା । ଶ୍ରୀସତ୍ୟସାଇ ଭଗବାନ ଆସି ଏହାର ଏକ ନୂତନ ସଂଜ୍ଞା ଓ ସମନ୍ୱୟର ବାଣୀ ଉପସ୍ଥାପନ କଲେ । ସେ କହିଲେ ଦୈବପ୍ରୀତି ଅର୍ଥାତ୍ ସମସ୍ତଙ୍କ ଭିତରେ ଥିବା ଭଗବାନଙ୍କ ପ୍ରତି ଭଲ ପାଇବା (ପ୍ରେମ) ରହୁ । ସମସ୍ତେ ପାପକର୍ମକୁ ଭୟ କରନ୍ତୁ (ପାପଭୀତି) ଆହୁରି ପରିଷ୍କାର କରି ବୁଝାଇ ଦେଲେ, ଅନ୍ୟକୁ ପୀଡ଼ା ଦେବା ହିଁ ପାପ । ତେଣୁ ସମସ୍ତେ ପାପକୁ ଭୟ କରନ୍ତୁ କାରଣ ଏହାର ପରିଣତି ଭୟଙ୍କର । ଏହି ଦୁଇଟି ନୀତି ଯଦି ଦୈନନ୍ଦିନ ଜୀବନରେ ପାଳନ ହୋଇପାରିଲା ତେବେ ତାହା ହେବ ସଂଘନୀତି ବା ସାମାଜିକ ନୀତି । ମଣିଷ ସମାଜରେ ରହିବ, ସମାଜର ମଙ୍ଗଳ ହେଉଥିବା ନୀତି ହିଁ ସମାଜ ଦ୍ୱାରା ଗ୍ରହଣୀୟ ହେବ, ତାହା ହେଉଛି ସମାଜର ସେବା । ସମାଜରେ ସମସ୍ତେ ଭଗବାନଙ୍କୁ ଭଲ ପାଆନ୍ତୁ କହିଲେ, କାହାରି କିଛି ଅସୁବିଧା ନାହିଁ, ହେବାର ମଧ୍ୟ ନାହିଁ । କେହି କାହାରିକୁ କଷ୍ଟ, ଆଘାତ ବା ପୀଡ଼ା ନ ଦିଅନ୍ତୁ ଏବଂ ଏହାଫଳରେ କଷ୍ଟ ନ ପାଆନ୍ତୁ । ପ୍ରକୃତରେ ଶାନ୍ତି ଓ ସହାବସ୍ଥାନର ସୂତ୍ର ଏହି ଦୁଇଟିରେ ଅଛି । ତାହା ହିଁ ପ୍ରକୃତ ସଂଘ ନୀତି ହେବାଯୋଗ୍ୟ । ପରିଶେଷରେ ସେ କହନ୍ତି ପ୍ରେମଭାବ ହିଁ ଏକମାତ୍ର ଅନୁସରଣୀୟ ନୀତି । ପ୍ରତ୍ୟେକ୍ରୁ ପ୍ରତ୍ୟେକଙ୍କର ଆରାଧ୍ୟ ଦେବତାଙ୍କୁ ଭଲ ପାଇବା ହିଁ ଦୈବପ୍ରୀତି । ନିଜକୁ ତଥା ନିଜ ଭବିଷ୍ୟତକୁ ଭଲ ପାଇବା ହିଁ ପାପଭୀତି । ସମାଜକୁ ଭଲ ପାଇବା ହିଁ ସଂଘନୀତି । ସମାଜ ହିଁ ଏକ ବିରାଟ ସଂଘ । ସମାଜକୁ ଭଲ ପାଇଲେ ତାହାର କୌଣସି କ୍ଷତି କରିବା କାହାଦ୍ୱାରା ସମ୍ଭବ ହେବନାହିଁ । ସବୁକୁ ଭଲ ପାଇବା, ସମସ୍ତଙ୍କୁ ଭଲ ପାଇବା ଅଭ୍ୟାସ କଲେ ସମାଜରୁ ଅଶାନ୍ତି, ଅନ୍ୟାୟ, ସ୍ୱାର୍ଥପରତା, ଘୃଣାଭାବ, ହିଂସାଭାବ ଦୂରେଇ ଯାଇ ସମାଜ ମଣିଷ ପାଇଁ ସ୍ୱର୍ଗୀୟ ବାସସ୍ଥାନ ପାଲଟି ଯାଆନ୍ତା । ଭଲ ପାଇବା ଦ୍ୱାରା ସ୍ୱର୍ଗରେ ରହିବା ସମ୍ଭବ । ଘରର ସଦସ୍ୟ ମାନଙ୍କୁ ଭଲ ପାଇଲେ ଘର ବୈକୁଣ୍ଠ ପାଲଟିଯିବ ନିଶ୍ଚିତ ।

ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫



## ହାଫିଜ୍ ସହଯୋଗୀର ଭାରତକୁ ପରମାଣୁ ବୋମା ଧମକ

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ପାକିସ୍ତାନ ମାଟିରେ ବର୍ଷ ବର୍ଷ ଧରି ଆତଙ୍କବାଦକୁ ଆଶ୍ରୟ ଦେଉଥିବାର ନୂତନ ପ୍ରମାଣ ଏକ ଭାଇରାଲ ଭିଡିଓ ରୂପରେ ସାମ୍ନାକୁ ଆସିଛି । ଲସ୍କର-ଇ-ତୈବା ଆତଙ୍କବାଦୀ ଅବଦୁଲର ଏହି ଭିଡିଓଟି ଭାରତ ବିରୋଧରେ ଘୃଣା ଏବଂ ହିଂସାକୁ ଉସକାଇବା ପାଇଁ ଏକ ଖୋଲା ଅଭିଯାନ ବୋଲି କୁହାଯାଉଛି । ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀ ବୋଲି କୁହାଯାଉଥିବା ରଉଫ କେବଳ ଭାରତରେ ଆତଙ୍କବାଦ ବିସ୍ତାର କରିବା କଥା କହିବା ସହିତ ଜମ୍ମୁ-କଶ୍ମୀରରେ ବୃଦ୍ଧି ପାଉଥିବା ହିଂସା ଏବଂ ଅପରେସନ ସିନ୍ଦୂର ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ଏହି ଭିଡିଓଟି ସୋସିଆଲ ମିଡିଆରେ OsintTV ନାମକ ଏକ ଆକାଉଣ୍ଟ ଦ୍ୱାରା ସେୟାର କରାଯାଇଛି । ଏଥିରେ ରଉଫ କହିଛନ୍ତି ଯେ, ଲୋକମାନେ କହୁଛନ୍ତି ଯେ କାଶ୍ମୀର ବିବାଦ ଶେଷ ହୋଇଛି, କିନ୍ତୁ ଏହା ଆଦୌ ସତ୍ୟ ନୁହେଁ । ପୂର୍ବ ପରି ଲଢ଼େଇ ଜାରି ରହିଛି। ସେ ଦାବି କରିଛନ୍ତି ଯେ, ଗୋଟିଏ ଦିନ ଇସଲାମ ସମଗ୍ର ବିଶ୍ୱକୁ ଶାସନ କରିବ ଏବଂ ଆମେ ଗଜୱା-ଏ-ହିନ୍ଦରେ ସଫଳ ହେବୁ ।ଭିଡିଓରେ ଅବଦୁଲ ରଉଫ ଏହା ମଧ୍ୟ କହିଛନ୍ତି ଯେ, ଲସ୍କର-ଇ-ତୈବାର ସହ-ପ୍ରତିଷ୍ଠାତା ଅବଦୁଲ ରେହମାନ ମକ୍କି ସବୁବେଳେ ଦାବି କରୁଥିଲେ ଯେ, ସେ ଦିଲ୍ଲୀକୁ ତାଙ୍କର ଦୁହ୍ଲନ କରିବେ, ଏବଂ ତାଙ୍କର ଲକ୍ଷ୍ୟ ନିଶ୍ଚିତ ଭାବରେ ପୂରଣ ହେବ । ରଉଫ କୁହନ୍ତି, ଆମେ ଏକ ବିଜୟୀ ରାଷ୍ଟ୍ର । ପୂର୍ବରୁ ଭାରତର ଦୃଶ୍ୟ ଭିନ୍ନ ଥିଲା, କିନ୍ତୁ ଏବେ ଏହା ପରିବର୍ତ୍ତନ ହୋଇଛି । ଆତଙ୍କବାଦୀଟି ସାମରିକ ଏବଂ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିଷୟରେ ଆହୁରି ଅବାନ୍ତର ବୟାନ ଦେଇଥିଲା, ରାଫେଲ, ଏସ୍-୪୦୦ ଏବଂ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଠାରୁ ଆରମ୍ଭ କରି ସବୁକିଛି ବିଷୟରେ ଅବାନ୍ତର ଉପହାସ କରିଥିଲା । ସେ କହିଥିଲେ ଯେ, ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଭାରତ ପାକିସ୍ତାନକୁ ଦେଖିବାକୁ ସାହସ କରିବ ନାହିଁ । ଆମେ ସେମାନଙ୍କୁ ଏତେ ହତ୍ୟା କରିଛୁ ଯେ ସେମାନଙ୍କ ପିଢ଼ି ଏହାକୁ ମନେ ରଖିବେ ।

# ଦିଲ୍ଲୀରେ ସ୍ଥିତି ଗମ୍ଭୀର

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ଦିଲ୍ଲୀରେ ସ୍ଥିତି ଗମ୍ଭୀର । ୧୮ଟି ସ୍ଥାନରେ ୪୦୦ପାର କଳା ବାୟୁ ଗୁଣବତ୍ତା । ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି । ଦିଲ୍ଲୀରେ ଶନିବାର ସକାଳ କୁହୁଡ଼ି ସହିତ ଆରମ୍ଭ ହୋଇଥିଲା । କିଛି ଦିନ ହେବ ରାଜଧାନୀର ବାୟୁ ଗୁଣବତ୍ତା ଖରାପ ହେବାରେ ଲାଗିଛି । ହେଲେ ଆଜି ଏହା ଗମ୍ଭୀର ବର୍ଗରେ ପହଞ୍ଚିଛି, ଯାହା ଲୋକଙ୍କ କଷ୍ଟକୁ ଆହୁରି ବଢ଼ାଇ ଦେଇଛି । ଏହି ସପ୍ତାହର ଆରମ୍ଭରେ AQI ରେ ସାମାନ୍ୟ ଉନ୍ନତି ଦେଖାଯାଇଥିଲା, କିନ୍ତୁ ଶନିବାର ସୁଦ୍ଧା ପୁଣି ପ୍ରଦୂଷଣ ବଢ଼ିଛି । ଦିଲ୍ଲୀର AQI ଏବେ ୩୮୭ରେ ପହଞ୍ଚିଛି । ନିରନ୍ତର ୯ ଦିନ AQI ଅଧିକ ରହିବା ପରେ, ମଙ୍ଗଳବାର ରାଜଧାନୀକୁ ଆଶ୍ୱସ୍ତି ମିଳିଥିଲା । କାରଣ AQI ୨୮୨କୁ ହ୍ରାସ ପାଇଥିଲା । ବୁଧବାର ପରିସ୍ଥିତିରେ ସାମାନ୍ୟ ଉନ୍ନତି ଆସିବା ସହ AQI ୨୫୯ରେକର୍ଡ କରାଯାଇଥିଲା । କିନ୍ତୁ ଗୁରୁବାର ଏହା ବଢ଼ିବାକୁ ଲାଗିଥିଲା । ଏବେ ଏହା ବି ୩୮୭ରେ ପହଞ୍ଚିଛି। କୁହାଯାଉଛି ଯେ, ଦିଲ୍ଲୀର ୧୮ଟି ସ୍ଥାନରେ ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାବ ହେବା ସହ ୪୦୦ ପାର୍ କରିଯାଇଛି । ବଜିରପୁରରେAQI ୪୪୩ ଥିବା ବେଳେ ଜାହାଙ୍ଗୀରପୁରୀରେ ୪୩୯, ବିବେକ ବିହାରରେ ୪୩୭, ରୋହିଣୀ ଏବଂ ଆନନ୍ଦ ବିହାରରେ ୪୩୪, ଅଶୋକ ବିହାରରେ ୪୩୧, ସୋନିଆ ବିହାରରେ ୪୨୭, ନରେଲାରେ ୪୨୫, ବାୱାନାରେ ୪୨୪, ନେହେରୁ ନଗରରେ ୪୨୧, ପ୍ରତାପଗଞ୍ଜରେ ୪୧୯, ଆଇଟିଓରେ ୪୧୭, ପଞ୍ଜାବୀ ବାଗରେ ୪୧୬, ମୁଣ୍ଡକାରେ ୪୧୫, ବୁରାରୀରେ ୪୧୩, ଚନ୍ଦନୀ ଚକଖରେ ୪୧୨ ଏବଂ ଡିୟୁ ଉତ୍ତର କ୍ୟାମ୍ପସରେ ୪୦୧ । ବାୟୁ ଗୁଣବତ୍ତା ଖରାପ ହେବା ସହ ଦିଲ୍ଲୀ ଏବେ କୁହୁଡ଼ିର ଚାଦରରେ ଘୋଡ଼ାଇ ହୋଇ ରହିଛି । ଦୃଶ୍ୟମାନ୍ୟତା କମ୍ ହେବାରୁ ବିମାନ ଚଳାଚଳ ସାମାନ୍ୟ ବାଧାପ୍ରାପ୍ତ ହୋଇଛି । ଘରୁ ବାହାରିବା ପୂର୍ବରୁ ବିମାନ କମ୍ପାନୀ ସହ ଯୋଗଯୋଗ କରି ବିମାନ ଉଡ଼ାଣ ସମୟ ଯାଞ୍ଚ କରିବାକୁ ନିର୍ଦ୍ଦେଶନାମା ଜାରି କରିଛି ଦିଲ୍ଲୀ ବିମାନବନ୍ଦର ।



## ଗୀତା ପଢ଼ିବେ ପାକିସ୍ତାନୀ

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ବିଭାଜନ ପରେ ପ୍ରଥମ ଥର ପିଲାଙ୍କୁ ପଢାଯିବ ସଂସ୍କୃତ । ଖୁବଶୀଘ୍ର ଗୀତା-ମହାଭାରତ ବିଷୟରେ ପିବେ ପାକିସ୍ତାନୀୟ ଦେଶ ବିଭାଜନ ପରେ ପ୍ରଥମ ଥର ପାଇଁ, ପାକିସ୍ତାନର ପାଠ୍ୟକ୍ରମରେ ସଂସ୍କୃତ ଭାଷାକୁ ସାମିଲ କରାଯାଇଛି । Lahore University of Management Sciences (LUMS) ଏହି ଶାସ୍ତ୍ରୀୟ ଭାଷାରେ ଏକ ୪-କ୍ରେଡିଟ୍ ପାଠ୍ୟକ୍ରମ(ସପ୍ତାହରେ ୪ଘଣ୍ଟା ସଂସ୍କୃତ ପଢା) ଆରମ୍ଭ କରିଛି । ତିନି ମାସର ସପ୍ତାହାନ୍ତ କର୍ମଶାଳା ପରେ ଏହି ନିଷ୍ପତ୍ତି ନିଆଯାଇଛି । କର୍ମଶାଳାରେ ଛାତ୍ରଛାତ୍ରୀମାନେ ଏବଂ ବିଦ୍ୱାନମାନେ ସଂସ୍କୃତକୁ ପସନ୍ଦ କରିବାରୁ ଏହାକୁ ପାଠ୍ୟକ୍ରମରେ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ପାଠ୍ୟକ୍ରମର ଏକ ଅଂଶ ଭାବରେ, ଛାତ୍ରଛାତ୍ରୀମାନଙ୍କୁ ମହାଭାରତ ଟେଲିଭିଜନ ଧାରାବାହିକର ସଙ୍ଗୀତ ହୈ କଥା ସଂଗ୍ରାମ କି ର ଉର୍ଦ୍ଦୁ ସଂସ୍କରଣ ପଢାଯାଉଛି । ଗୁରମଣି ସେଣ୍ଟରର ନିର୍ଦ୍ଦେଶକ ଡକ୍ଟର ଅଲି ଉସମାନ କାସମି ଦି ଟ୍ରିବ୍ୟୁନକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପାକିସ୍ତାନର ପଞ୍ଜାବ ବିଶ୍ୱବିଦ୍ୟାଳୟ ପାଠାଗାରରେ ସବୁଠାରୁ ଧନୀ କିନ୍ତୁ ସବୁଠାରୁ ଅବହେଳିତ ସଂସ୍କୃତ ଅଭିଲେଖାଗାର ରହିଛି। ୧୯୩୦ ଦଶକରେ ବିଦ୍ୱାନ ଜେସିଆର ୱୁଲନରଙ୍କ ଦ୍ୱାରା ସଂସ୍କୃତ ତାଳପତ୍ର ପାଣ୍ଡୁଲିପିର ଏକ ଗୁରୁତ୍ୱପୂର୍ଣ୍ଣ ସଂଗ୍ରହ ତାଲିକାଭୁକ୍ତ କରାଯାଇଥିଲା, କିନ୍ତୁ ୧୯୪୭ ପରଠାରୁ କୌଣସି ପାକିସ୍ତାନୀ ଶିକ୍ଷାବିତ ଏହି ସଂଗ୍ରହ ସହିତ ଜଡିତ ହୋଇନାହାଁନ୍ତି । କେବଳ ବିଦେଶୀ ଗବେଷକ ଏହାକୁ ବ୍ୟବହାର କରନ୍ତି । ପାକିସ୍ତାନୀ ବିଦ୍ୱାନମାନଙ୍କୁ ତାଲିମ ଦେବା ଦ୍ୱାରା ଏଥିରେ ପରିବର୍ତ୍ତନ ହେବ ବୋଲି ସେ କହିଛନ୍ତି । ଏହା ସହ ସେ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟ ମହାଭାରତ ଏବଂ ଭଗବଦ୍ ଗୀତା ଉପରେ ଆଗାମୀ ପାଠ୍ୟକ୍ରମ ଆରମ୍ଭ କରିବ । ୧୦-୧୫ ବର୍ଷ ମଧ୍ୟରେ, ଆମେ ଗୀତା ଏବଂ ମହାଭାରତର ପାକିସ୍ତାନ-ଭିତ୍ତିକ ବିଦ୍ୱାନମାନଙ୍କୁ ଦେଖିପାରିବା ।

## ପାକିସ୍ତାନର ଗୁଇନ୍ଦା ଏଜେନ୍ସିର ଟାର୍ଗେଟରେ ଶିବରାଜ !

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି । ଗୃହ ମନ୍ତ୍ରଣାଳୟର ସୂଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏମପି ଡିଜିପିଙ୍କୁ ଏକ ଚିଠି ପଠାଇ କହିଛି ଯେ ଶିବରାଜ ସିଂହ ଚୌହାନ ପାକିସ୍ତାନର ଗୁଇନ୍ଦା ସଂସ୍ଥା, ଆଇଏସଆଇର ଟାର୍ଗେଟରେ ଅଛନ୍ତି । ଆଇଏସଆଇ ଚୌହାନଙ୍କ ସହ ଜଡିତ ସୂଚନା ସଂଗ୍ରହ କରୁଛି । ଭୋପାଳରେ ଶିବରାଜଙ୍କ ବାସଭବନ, ବି-୮, ୭୪ ବଙ୍ଗଳା ପାଖରେ ପୋଲିସ ଅତିରିକ୍ତ ବ୍ୟାରିକେଡ୍ ନିର୍ମାଣ କରିଛି । ଦିଲ୍ଲୀରେ ତାଙ୍କ ସରକାରୀ ବାସଭବନରେ ମଧ୍ୟ ସୁରକ୍ଷା ବୃଦ୍ଧି କରାଯାଇଛି । ତାଙ୍କର ପୂର୍ବରୁ Z+ ସୁରକ୍ଷା ଥିଲା, କିନ୍ତୁ ବର୍ତ୍ତମାନ ସୁରକ୍ଷାକୁ ଆହୁରି ବୃଦ୍ଧି କରାଯାଇଛି । ଗୁଇନ୍ଦା ସୂଚନା ମିଳିବା ପରେ ତୁରନ୍ତ ସ୍ଥାନୀୟ ପୋଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଉଭୟ ସହରରେ ଚୌହାନଙ୍କ ସୁରକ୍ଷା ବଳୟକୁ ମଜବୁତ କରିଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ଭୋପାଳ ବଙ୍ଗଳା ବାହାରେ ସୁରକ୍ଷା ବୃଦ୍ଧି ଦେଖିବାକୁ ମିଳିଥିଲା । ସୁରକ୍ଷାରେ କୌଣସି ତ୍ରୁଟି ନହେବା ନିଶ୍ଚିତ କରିବାକୁ ଗୃହ ମନ୍ତ୍ରଣାଳୟ ସମ୍ପୃକ୍ତ ଏଜେନ୍ସି ଏବଂ ମଧ୍ୟପ୍ରଦେଶ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛି । ମଧ୍ୟପ୍ରଦେଶର ମୁଖ୍ୟ ସଚିବଙ୍କୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି । ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର କମିଶନର (ସୁରକ୍ଷା)ଙ୍କୁ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି । ସୁରକ୍ଷା ବୃଦ୍ଧି ସମ୍ପର୍କରେ ଗୃହ ମନ୍ତ୍ରଣାଳୟର ଚିଠି ଅନୁଯାୟୀ, ଆଇଏସଆଇ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ବିଷୟରେ ସୂଚନା ସଂଗ୍ରହ କରୁଛି କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ସହିତ ପରାମର୍ଶ କରି କେନ୍ଦ୍ର ମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରାଯାଇଛି ଏଜେନ୍ସିଗୁଡ଼ିକର ଇନପୁଟ୍ ପରେ ତାଙ୍କ ସୁରକ୍ଷା ପାଇଁ ନିୟୋଜିତ କର୍ମଚାରୀଙ୍କ ସଂଖ୍ୟା ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ନାହିଁ । ତଥାପି, Z+ ସୁରକ୍ଷା ଅଧୀନରେ, NSG କମାଣ୍ଡୋ ସମେତ ପ୍ରାୟ ୫୫ ଜଣ ତାଲିମପ୍ରାପ୍ତ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି ।



## ରୁପା କଲା ରେକର୍ଡ, ୨ ଲକ୍ଷ ଟପିଲା ଦର

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ଡିସେମ୍ବର ୧୨ ଶୁକ୍ରବାର ଦିନ ଫ୍ୟୁଚର ମାର୍କେଟରେ ରୂପା ୨ ଲକ୍ଷ ଟଙ୍କା ଅତିକ୍ରମ କରି ଏକ ରେକର୍ଡ ସ୍ଥାପନ କରିଛି । ଚଳିତ ବର୍ଷ, ରୂପା ମୂଲ୍ୟ ୧୨୧ ପ୍ରତିଶତ ବୃଦ୍ଧି ପାଇଛି । ଶୁକ୍ରବାର ଦିନ, ମଲଟି କମୋଡିଟି ଏକ୍ସଚେଞ୍ଜରେ, ୫ ମାର୍ଚ୍ଚ, ୨୦୨୬ ଏକ୍ସପାରି ପାଇଁ କିଲୋଗ୍ରାମ ପିଛା ରୁପାଦର ୨ ଲକ୍ଷ ଟଙ୍କା ଟପିଯାଇଛି ଓ ୨,୦୧,୩୮୮ ଟଙ୍କାରେ ପହଞ୍ଚିଛି । ଶୁକ୍ରବାର, ଡିସେମ୍ବର ୧୨, ୨୦୨୫ ରେ, ଏମସିଏକ୍ସରେ ମାର୍ଚ୍ଚ ୫ ତାରିଖ ଏକ୍ସପାରି ପାଇଁ ରୁପା କିଲୋଗ୍ରାମ ପିଛା ୧,୯୬,୯୫୮ରେ ଖୋଲିଥିଲା ଓ କାରବାର ଶେଷ ବେଳକୁ ରୁପା ୧,୯୮,୯୪୨ ରେ ବନ୍ଦ ହୋଇଥିଲା । ଦିନ ମଧ୍ୟରେ ରୁପା ୨,୦୧,୩୮୮ ର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା । ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଶିଳ୍ପଜଗତରେ ପ୍ରବଳ ଚାହିଦା ଯୋଗୁଁ ରୂପା ମୂଲ୍ୟ ବୃଦ୍ଧି ପାଉଛି । ବୈଦ୍ୟୁତିକ ଯାନ, ସେମିକଣ୍ଡକ୍ଟର, ସୌର ପ୍ୟାନେଲ, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ଶିଳ୍ପରେ ରୂପା ବହୁଳ ଭାବରେ ବ୍ୟବହୃତ ହୁଏ, ଯାହା ଫଳରେ ଚାହିଦା ବୃଦ୍ଧି ପାଉଛି । କେବଳ ରୁପା ନୁହେଁ, ଶୁକ୍ରବାର ସୁନା ଦରରେ ବି ବୃଦ୍ଧି ଦେଖିବାକୁ ମିଳିଥିଲା । ଏମସିଏକ୍ସରେ ଫେବୃଆରୀ ୫, ୨୦୨୬ ଏକ୍ସପାରି ପାଇଁ ସୁନା ୧,୩୪,୯୬୬ ଟଙ୍କାର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା ।

## ଟ୍ରମ୍ପଙ୍କ ଉପରେ ଟାରିଫ ହ୍ରାସ ଚାପ

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଟାରିଫ୍ ହଟାଇବାକୁ ଚାପ ପଡିଛି । ଭାରତ ଉପରୁ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ହ୍ରାସ କରିବାକୁ ଆମେରିକା ସଂସଦରେ ସ୍ୱର ଉଠିଛି । ଆମେରିକାର ୩ ଡେମୋକ୍ରାଟିକ ସାଂସଦ ସଂସଦରେ ୫୦ ପ୍ରତିଶତ ଟାରିଫ୍ ବିରୋଧରେ ପ୍ରସ୍ତାବ ଆଣିଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ ଭାରତ ଉପରେ ଲଗାଇଥିବା ଟାରିଫ୍ ବିରୋଧରେ ହାଉସ୍ ଅଫ୍ ରିପ୍ରେଜେଣ୍ଟିଭ ( ଆମେରିକା କଂଗ୍ରେସର ନିମ୍ନ ସଦନ)ରେ ପ୍ରସ୍ତାବ ଉପସ୍ଥାପିତ କରିଛନ୍ତି । ସେମାନଙ୍କ କହିବା ଅନୁସାରେ ଜାତୀୟ ଜରୁରୀକାଳୀନ ପରିସ୍ଥିତିରରେ ଲାଗୁ ହୋଇଥିବା ଏହି ଶୁଳ୍କ ବେଆଇନ ଏବଂ ସାଧାରଣ ଆମେରିକୀୟଙ୍କୁ କ୍ଷତି ପହଞ୍ଚାଉଛି । ଭାରତ ଉପରେ ଲାଗୁ ହୋଇଥିବା ୫୦ ପ୍ରତିଶତ ଶୁଳ୍କ ପ୍ରତ୍ୟାହାର କରିବାକୁ ଆହ୍ୱାନ କରାଯାଇଛି । ଆମେରିକା କଂଗ୍ରେସ ବନାମ ଟ୍ରମ୍ପ- ଏକ ବିବୃତ୍ତିରେ ଡେମୋକ୍ରାଟିକ୍ ସାଂସଦ ଡେବୋରା ରସ୍, ମାର୍କ ବିଜି ଏବଂ ଭାରତୀୟ ବଂଶୋଦ୍ଭବ ରାଜା କୃଷ୍ଣମୂର୍ତ୍ତି କହିଛନ୍ତି, ଏହି ଶୁଳ୍କଗୁଡ଼ିକ ବେଆଇନ, ଆମେରିକୀୟ ସ୍ୱାର୍ଥ ବିରୋଧରେ ଏବଂ ସାଧାରଣ ଆମେରିକୀୟମାନଙ୍କୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଛି । ଏଗୁଡ଼ିକ ମୂଳତଃ ଦୈନନ୍ଦିନ ଜିନିଷଗୁଡ଼ିକ ଉପରେ ଅତିରିକ୍ତ ଟିକସ । ଅଗଷ୍ଟ ୧ରେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ । ଅଗଷ୍ଟ ୨୭ରେ ରୁଷ ତେଲ କିଣିବା ପାଇଁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ କଷିଥିଲେ ଯାହା ମୋଟ୍ ୫୦ ପ୍ରତିଶତ ହୋଇଥିଲା । ଯାହା ଅନେକ ଭାରତୀୟ ଉତ୍ପାଦର ଆମଦାନୀ ମୂଲ୍ୟକୁ ଦ୍ୱିଗୁଣିତ କରିଥିଲା । ରାଷ୍ଟ୍ରପତି ଟ୍ରମ୍ପ ଯୁକ୍ତି ଦେଇଥିଲେ କି, ଭାରତ ଏବେ ବି ରୁଷୀୟ ତେଲ କିଣୁଛି, ଯାହା ୟୁକ୍ରେନ ବିରୋଧରେ ମସ୍କୋର ଯୁଦ୍ଧକୁ ପାଣ୍ଠି ଯୋଗାଉଛି । ଶୁଳ୍କ ନୀତି କାର୍ଯ୍ୟକାରୀ କରିବାକୁ ଡୋନାଲ୍ଡ ଟ୍ରମ୍ପ ଅନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନର ବ୍ୟବହାର କରିଥିଲେ । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ବିରୋଧରେ ସ୍ୱର ଉଠାଇଛନ୍ତି ଆମେରିକା କଂଗ୍ରେସ ସାଂସଦ। ସାଂସଦ ରାଜା କୃଷ୍ଣମୂର୍ତ୍ତି କହିଛନ୍ତି, ଏହି ପଦକ୍ଷେପ ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରୁଛି, ଆମେରିକୀୟ ଶ୍ରମିକମାନଙ୍କୁ କ୍ଷତି ପହଞ୍ଚାଉଛି ଏବଂ ଗ୍ରାହକମାନଙ୍କ ପକେଟ ଉପରେ ଗଭୀର ପ୍ରଭାବ ପକାଉଛି । ଶୁଳ୍କ ହଟାଇବା ଦ୍ୱାରା ଆମେରିକା-ଭାରତ ମଧ୍ୟରେ ଅର୍ଥନୈତିକ ଏବଂ ସୁରକ୍ଷା ସମ୍ପର୍କ ଆହୁରି ମଜବୁତ ହେବ । ଭାରତ ଉପରେ ଲାଗୁ ହୋଇଥିବା ଅତିରିକ୍ତ ଶୁଳ୍କ ପ୍ରତ୍ୟାହାର ଦାବି- ବିବୃତ୍ତି ଅନୁଯାୟୀ, ପ୍ରସ୍ତାବରେ ଭାରତ ଉପରେ ଲାଗୁ ହୋଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହଟାଇବାକୁ କୁହାଯାଇଛି, ଯାହା ଅଗଷ୍ଟ ୨୭, ୨୦୨୫ରୁ ଲାଗୁ ହୋଇଛି । ଏହି ଶୁଳ୍କ ପୂର୍ବରୁ ପ୍ରଯୁଜ୍ୟ ପାରସ୍ପରିକ ଶୁଳ୍କ ଉପରେ ଲାଗୁ କରାଯାଇଥିଲା, ଯାହା ଅନେକ ଭାରତୀୟ ଉତ୍ପାଦ ଉପରେ ମୋଟ ଆମଦାନୀ ଶୁଳ୍କକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲା । ଏହି କାର୍ଯ୍ୟାନୁଷ୍ଠାନ ଆନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନ (IEEPA) ଅଧୀନରେ ନିଆଯାଇଥିଲା ।

## ମମତାଙ୍କ ଭାବପ୍ରବଣ ପୋଷ୍ଟ

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ଶନିବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଫୁଟବଲ୍ ତାରକା ଲିଓନେଲ ମେସିଙ୍କ କାର୍ଯ୍ୟକ୍ରମରେ ହୋଇଥିବା ଅବ୍ୟବସ୍ଥା ଉପରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ସେ କହିଛନ୍ତି ଯେ ଏହି କୁପରିଚାଳନା ପାଇଁ ସେ ଅତ୍ୟନ୍ତ ମର୍ମାହତ ଏବଂ ଏଥିପାଇଁ ସେ ମେସି ତଥା ତାଙ୍କ ଫ୍ୟାନ୍ସମାନଙ୍କୁ କ୍ଷମା ମାଗିଛନ୍ତି । ମମତା ବାନାର୍ଜୀ ସୋସିଆ ।ଲ ମିଡିଆ ପ୍ଲାଟଫର୍ମ Xରେ ଲେଖିଛନ୍ତି ଯେ, ଆଜି ଷ୍ଟାଡିୟମରେ ଯେଉଁ ଅବ୍ୟବସ୍ଥା ଦେଖାଗଲା, ସେଥିପାଇଁ ମୁଁ ସ୍ତବ୍ଧ । ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ ମୁଁ ଲିଓନେଲ ମେସି ଓ ସମସ୍ତ କ୍ରୀଡ଼ାପ୍ରେମୀଙ୍କୁ ହୃଦୟରୁ କ୍ଷମା ମାଗୁଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାର ତଦନ୍ତ ପାଇଁ କଲିକତା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅସୀମ କୁମାର ରାୟଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟି ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ଏଭଳି ଘଟଣା ରୋକିବାକୁ ପରାମର୍ଶ ଦେବ । ବିଜେପି ପଶ୍ଚିମବଙ୍ଗ ୟୁନିଟ୍ ଏହି ଘଟଣାକୁ ନେଇ ଟିଏମସି ସରକାରଙ୍କୁ କଡ଼ା ସମାଲୋଚନା କରିଛି । ବିଜେପି ଅଭିଯୋଗ କରିଛି ଯେ ମମତା ସରକାର ବଙ୍ଗଳାର ଫୁଟବଲ୍ ସଂସ୍କୃତିକୁ ନଷ୍ଟ କରିଦେଇଛନ୍ତି । ବିଜେପି ନେତା ଅମିତ ମାଲବି । ଏହାକୁ ଏକ ବଡ଼ ଅପମାନ ଓ ସ୍କାମ ବୋଲି କହିବା ସହ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଅରୂପ ବିଶ୍ୱାସଙ୍କ ଇସ୍ତଫା ଦାବି କରିଛନ୍ତି । ଷ୍ଟାଡିୟମରେ ଅବ୍ୟବସ୍ଥା ଏବଂ ସୁରକ୍ଷା କାରଣରୁ ମେସି ତାଙ୍କର କୋଲକାତା ଗସ୍ତକୁ ସମୟ ପୂର୍ବରୁ ଶେଷ କରିଦେଇଥିଲେ । ସେ ତୁରନ୍ତ ବିମାନବନ୍ଦର ଯାଇ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଥିଲେ ।



## ବିଜେପିରେ ମୋର ପରାମର୍ଶ ଗ୍ରହଣ କରାଯାଉନାହିଁ

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ପୂର୍ବତନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ କହିଛନ୍ତି ଯେ, ଭାରତୀୟ ଜନତା ପାର୍ଟିର ପ୍ରାୟ ସମସ୍ତ ନିଷ୍ପତ୍ତି ଦିଲ୍ଲୀରୁ ନିଆଯାଇଥାଏ । କୌଣସି ନିଷ୍ପତ୍ତି ନେବା ସମୟରେ ତାଙ୍କ ସହିତ ପରାମର୍ଶ କରାଯାଏ ନାହିଁ । ସେ କଂଗ୍ରେସ ଦଳକୁ ଫେରିବେ କି ନାହିଁ ଏହି ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ପଞ୍ଜାବ ପ୍ରତି ବିଶେଷ ଭଲପାଇବା ଅଛି । ପ୍ରଧାନମନ୍ତ୍ରୀ ରାଜ୍ୟ ପାଇଁ କିଛି ମଧ୍ୟ କରିବାକୁ ପ୍ରସ୍ତୁତ । ଅମରିନ୍ଦର ସିଂହ କଂଗ୍ରେସ ଦଳକୁ ଫେରିବା କଥାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି। ସେ କହିଛନ୍ତି ଯେ, ଦଳକୁ ଫେରିବା ଏବେ ଅସମ୍ଭବ। କାରଣ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବାହାର କରାଯାଇଥିବା ଶୈଳୀକୁ ନେଇ ଏବେ ବି ଆଘାତ ପାଇଛନ୍ତି । ତେଣୁ କଂଗ୍ରେସରେ ଯୋଗଦେବା ପ୍ରଶ୍ନ ନାହିଁ। ତେବେ ଅମରିନ୍ଦରଙ୍କ ବିଜେପି ବିରୋଧରେ ଏଭଳି ମନ୍ତବ୍ୟ ନେଇ ରାଜ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ସେ କହିଛନ୍ତି, ଯଦି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ତାଙ୍କୁ ସାହାଯ୍ୟ ମାଗନ୍ତି, ତେବେ ମୁଁ ସର୍ବଦା ତାଙ୍କୁ ସାହାଯ୍ୟ କରିବି। କିନ୍ତୁ ମୁଁ ରାଜନୈତିକ ଭାବରେ ସାହାଯ୍ୟ କରିପାରିବି ନାହିଁ । ଅମରିନ୍ଦର ସିଂହ କହିଛନ୍ତି ଯେ, ବିଜେପିର ଶୀର୍ଷ ନେତୃତ୍ୱ ଅପେକ୍ଷା କଂଗ୍ରେସ ହାଇକମାଣ୍ଡଙ୍କୁ ଭେଟିବା ସହଜ । ସେ କହିଛନ୍ତି କଂଗ୍ରେସ ନିଜର ନେତାମାନଙ୍କ ସହିତ ପରାମର୍ଶ କରିଥାଏ ଏବଂ ଦଳର ବ୍ୟବସ୍ଥା ଅଧିକ ଗଣତାନ୍ତ୍ରିକ । ସିଂହ କହିଛନ୍ତି, ବିଜେପି ନିଜର ନିଷ୍ପତ୍ତି ସାର୍ବଜନୀନ କରେ ନାହିଁ । ସମସ୍ତ ନିଷ୍ପତ୍ତି ତୃଣମୂଳ ସ୍ତରର ନେତାମାନଙ୍କ ସହିତ ପରାମର୍ଶ ନକରି ଦିଲ୍ଲୀରେ ନିଆଯାଇଥାଏ । ବିଜେପି ମୋ ସହିତ ପରାମର୍ଶ କରୁନାହିଁ। ମୋର ୬୦ ବର୍ଷର ରାଜନୈତିକ ଅଭିଜ୍ଞତା ଅଛି। କିନ୍ତୁ ମୁଁ ସେମାନଙ୍କ ଉପରେ ନିଜକୁ ଲଦି ପାରିବି ନାହିଁ। ରାଜ୍ୟ କଂଗ୍ରେସ ୟୁନିଟ୍ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ପରେ ସେପ୍ଟେମ୍ବର ୨୦୨୧ରେ ଅମରିନ୍ଦର ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । କଂଗ୍ରେସର ଚରଣଜିତ ସିଂହ ଚନ୍ନୀଙ୍କ ମୁଖ୍ୟମନ୍ତ୍ରୀ ହେବା ପରେ, ସେ ଦଳ ଛାଡି ଏକ ନୂତନ ଦଳ ଗଠନ କରିଥିଲେ, ଯାହା ପରେ ବିଜେପିରେ ମିଶିଯାଇଥିଲା। ନବଜୋତ ସିଂହ ସିଦ୍ଧୁ ଏବଂ ତାଙ୍କ ପତ୍ନୀ ଅସ୍ଥିର ବୋଲି କହି ଅମରିନ୍ଦର ସିଂହ କଡ଼ା ସମାଲୋଚନା କରିଛନ୍ତି। ସିଦ୍ଧୁଙ୍କୁ ରାଜନୀତି ଛାଡି କ୍ରିକେଟ୍ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ନବଜୋତ କୌର ସିଦ୍ଧୁଙ୍କ ବକ୍ତବ୍ୟ ଦେଇଥିଲେ ଯେ, ୫୦୦କୋଟି ସୁଟକେସ୍ ପ୍ରଦାନ କରନ୍ତି ସେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହୋଇଥାନ୍ତି । ଏହାକୁ ଉଦ୍ଧୃତ କରି ଅମରିନ୍ଦର ସିଂହ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିଜେପି କେବଳ ଶିରୋମଣି ଅକାଳୀ ଦଳ (SAD) ସହିତ ମିଶିଲେ ପଞ୍ଜାବରେ ଶକ୍ତିଶାଳୀ ହୋଇପାରିବ ।



## ଫିଲିପାଇନ୍ସରେ ଜଳିଗଲା ୫୦୦ ଘର

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ଫିଲିପାଇନ୍ସର ରାଜଧାନୀ ମାନିଲାରେ ଭୟଙ୍କର ଅଗ୍ନିକାଣ୍ଡ ।ଏକାଥରେ ଜଳିଗଲା ୫୦୦ ବଖରା ଘର । ଗତକାଲି ସନ୍ଧ୍ୟା ପ୍ରାୟ ୬:୩୮ ସମୟରେ, ଫିଲିପାଇନ୍ସର ରାଜଧାନୀ ମାନିଲାର ମାଣ୍ଡାଲୁୟୋଙ୍ଗ ସହରର ଏକ ଘନ ଜନବସତି ବିଶିଷ୍ଟ ଆବାସିକ ଅଞ୍ଚଳରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ବାରାଙ୍ଗା ପ୍ଲେଜାଣ୍ଟ ହିଲ୍ସର ନୁଏଭା ଡି ଫେବ୍ରେରୋର ବ୍ଲକ ୫ରୁ ନିଆଁ ଲାଗିଥିଲା ଏବଂ ଘରଗୁଡ଼ିକ ହାଲୁକା ଏବଂ ଜ୍ୱଳନଶୀଳ ସାମଗ୍ରୀରେ ତିଆରି ହୋଇଥିବାରୁ ଏହା ଶୀଘ୍ର ବ୍ୟାପି ଯାଇଥିଲା ।ନିଆଁ ଉଚ୍ଚକୁ ଉଠିଥିଲା, ଏବଂ କଳା ଧୂଆ ମାଇଲ ଦୂର ପର୍ଯ୍ୟନ୍ତ ଦୃଶ୍ୟମାନ ହେଉଥିଲା, ଯାହା ସନ୍ଧ୍ୟାର ଆକାଶକୁ ନାରଙ୍ଗୀ ରଙ୍ଗ କରିଦେଇଥିଲା । ଅଗ୍ନି ଆଲାର୍ମ ଶୀଘ୍ର ବୃଦ୍ଧି ପାଇଲା, ଏବଂ ସନ୍ଧ୍ୟା ୭:୧୯ ସୁଦ୍ଧା ନିଆଁ ବହୁତ ଜୋରରେ ବ୍ୟାପି ଯାଇଥିଲା । କୋଡିଏରୁ ଅଧିକ ଦମକଳ ନିଆଁ ଲିଭାଇବା କାମରେ ନିୟୋଜିତ । ନିଆଁ ଲିଭାଇବା ପାଇଁ କୋଡିଏରୁ ଅଧିକ ଦମକଳ ନିୟୋଜିତ ଥିଲେ । ନିଆଁ ଲିଭାଇବା ପାଇଁ ଅନେକ ସମୟ ଲାଗି ଯାଇଥିଲା । ଏହା ଭିତରେ ୫ ଶହରୁ ଅଧିକ ଘର ଜଳିପୋଡି ପାଉଁଶ ହୋଇଯାଇଛି । ମାତ୍ର ଏଥିରେ କୌଣସି ଲୋକ ଆହତ ହୋଇନାହାନ୍ତି, ଯାହାକି ଏକ ଅତ୍ୟନ୍ତ ଭଲ ଖବର । ଗରିବ ବସ୍ତିଗୁଡିକରେ ଘର ଆଖପାଖ ଲାଗି ରହିଥିବାରୁ ନିଆଁର ପ୍ରକୋପ ଅଧିକ ରହିଥିଲା । ଏକାସଙ୍ଗେ ଅନେକ ଘରେ ଏହା ବ୍ୟାପି ଯାଇଥିଲା । ମାତ୍ର ପରେ ଏହାକୁ ନିୟନ୍ତ୍ରଣ କରାଯାଇପାରିଥିଲା । ପୂର୍ବରୁ, ଅଗଷ୍ଟ ୬, ୨୦୨୫ ରେ, ଟୋଣ୍ଡୋର ହାପିଲ୍ୟାଣ୍ଡ ଆରୋମା ଅଞ୍ଚଳରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଥିଲା, ଯାହା ଶହ ଶହ ପରିବାରକୁ ପ୍ରଭାବିତ କରିଥିଲା। ସେପ୍ଟେମ୍ବର ୨୦୨୫ ରେ, ଟୋଣ୍ଡୋରେ ଦୁଇଟି ପୃଥକ ଅଗ୍ନିକାଣ୍ଡ ଘଟିଥିଲା । ସେପ୍ଟେମ୍ବର ୧୩ ରେ ହାପିଲ୍ୟାଣ୍ଡରେ ଗୋଟିଏ, ପ୍ରାୟ ୧,୧୦୦ ପରିବାରକୁ ପ୍ରଭାବିତ କରିଥିଲା ଏବଂ ପରଦିନ ଅନ୍ୟ ଏକ ଅଗ୍ନିକାଣ୍ଡ ଘଟିଥିଲା ।ନଭେମ୍ବର ୨୦୨୪ ରେ, ଟୋଣ୍ଡୋର ଇସ୍ଲା ପୁଟିଂ ବାଟୋ ଅଞ୍ଚଳରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଥିଲା, ଯାହା ପ୍ରାୟ ୧,୦୦୦ ଘର ପୋଡ଼ି ଦେଇଥିଲା ଏବଂ ୮,୦୦୦ ରୁ ଅଧିକ ଲୋକଙ୍କୁ ବାସହୀନ କରିଥିଲା । ନିଆଁ ଆ।ଠ ଘଣ୍ଟା ଧରି ଜଳିଥିଲା ଏବଂ ହେଲିକପ୍ଟର ପାଣି ଦେବା ଆବଶ୍ୟକ କରିଥିଲା । ମାର୍ଚ୍ଚ ୨୦୨୪ ରେ, ଟୋଣ୍ଡୋର ହାପିଲ୍ୟାଣ୍ଡରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ଅଗ୍ନିଶମ କର୍ମଚାରୀମାନଙ୍କୁ ଆକ୍ରମଣ କରାଯାଇଥିଲା। ଡିସେମ୍ବର ୨୦୨୩ ରେ, ହାପିଲ୍ୟାଣ୍ଡରେ ଅଗ୍ନିକାଣ୍ଡ ଯୋଗୁଁ ୧,୫୦୦ ରୁ ଅଧିକ ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା । ୨୦୧୭ ମସିହାରେ, ଏକ ବସ୍ତି ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୧୫,୦୦୦ ଲୋକଙ୍କୁ ବାସହୀନ କରିଦେଇଥିଲା ।

## ଗୋଟିଏ ବର୍ଷରେ ମୁମ୍ବାଇରେ ୧ ଲକ୍ଷ ୨୮ ହଜାର ଲୋକଙ୍କୁ କାମୁଡ଼ିଛି କୁକୁର

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ମହାରାଷ୍ଟ୍ରରେ ବୁଲା କୁକୁରମାନଙ୍କ ଆତଙ୍କ ବୃଦ୍ଧି ପାଇବାରେ ଲାଗିଛି । ୨୦୨୪ ମସିହାରେ କେବଳ ମୁମ୍ବାଇରେ ୧.୨୮ ଲକ୍ଷ ଲୋକଙ୍କୁ କୁକୁର କାମୁଡ଼ିଥିବା ସୂଚନା ମିଳିଛି । ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ବିଧାନସଭାରେ ଏହି ସୂଚନା ଦେବା ପରେ ପୁଣି ଥରେ କୁକୁର କାମୁଡ଼ା ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସିନ୍ଦେଙ୍କ ଏହି ଖୁଲାସା ନାଗରିକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ଏହି ପ୍ରଶ୍ନ ବିଧାନସଭା ପରିଷଦ ସଦସ୍ୟ ସୁନୀଲ ସିନ୍ଦେ, ବସନ୍ତ ଖଣ୍ଡେଲୱାଲ, ସନ୍ଦୀପ ଜୋଶୀଙ୍କ ସମେତ ଅନ୍ୟମାନେ ଉଠାଇଥିଲେ। ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍ , ସୀମା ଏବଂ ନାଗପୁରରେ ବୁଲା କୁକୁରମାନଙ୍କ ଆତଙ୍କ ବୃଦ୍ଧି ପାଉଥିବା ଉପରେ ବିଧାୟକମାନେ ଚିନ୍ତା ପ୍ରକାଶ କରିଥିଲେ । ଏହି ପ୍ରଶ୍ନର ଉତ୍ତର ଦେଇ ସିନ୍ଦେ କହିଥିଲେ ଯେ, ୨୦୨୪ ମସିହାରେ ନାଗପୁର ମ୍ୟୁନିସିପାଲ କର୍ପୋରେସନ (NMC) ଅଞ୍ଚଳରେ ୯,୫୨୭ ଜଣଙ୍କୁ ବୁଲା କୁକୁର କାମୁଡ଼ିଥିବା ବେଳେ ମୁମ୍ବାଇରେ ଏହି ସଂଖ୍ୟା ୧, ୨୮,୨୫୨ ରେ ପହଞ୍ଚିଛି । ଏହି ସଂଖ୍ୟା ଅତ୍ୟନ୍ତ ଚିନ୍ତାଜନକ ଏବଂ ରାଜ୍ୟ ସରକାର ଏହି ସମସ୍ୟାକୁ ଗମ୍ଭୀରତାର ସହ ନେଉଛନ୍ତି। ପ୍ରାଣୀ କଲ୍ୟାଣ ବୋର୍ଡ ନିୟମ ଅନୁଯାୟୀ କରାଯାଇଥିବା ସର୍ଭେରୁ ଜଣାପଡିଛି ଯେ, ୨୦୧୪ ମସିହାରେ ମୁମ୍ବାଇରେ ବୁଲା କୁକୁରମାନଙ୍କ ସଂଖ୍ୟା ୯୫,୧୭୨ ଥିଲା, ଯାହା ୨୦୨୪ ମସିହାରେ ୯୦,୭୫୭କୁ ହ୍ରାସ ପାଇଛି । ଯଦିଓ ସଂଖ୍ୟା ହ୍ରାସ ପାଇଛି, କିନ୍ତୁ କୁକୁର କାମୁଡ଼ା ଘଟଣା ବୃଦ୍ଧି ଚିନ୍ତାର ବିଷୟ ହୋଇ ରହିଛି। ସେ ଆହୁରି କହିଛନ୍ତି ଯେ, କୁକୁର କାମୁଡ଼ା ସଂଖ୍ୟା କମ କରିବା ପାଇଁ ସରକାର କୁକୁରମାନଙ୍କ ବନ୍ଧ୍ୟାକରଣ କରିଛନ୍ତି ଏବଂ ଟୀକାକରଣ କରିବା ସହ ରେବିଜ୍ ନିୟନ୍ତ୍ରଣ ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି ।

### ଆଇଏସଆଇଏସ୍ ଉପରେ ଏନ୍ଆଇଏର ବଡ଼ କାର୍ଯ୍ୟାନୁଷ୍ଠାନ

## ୭ ଅଭିଯୁକ୍ତଙ୍କ ବିରୋଧରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ) ପକ୍ଷରୁ ତାମିଲନାଡୁରେ ବଡ଼ ଧରଣର ଆକ୍ସନ । ଆଇଏସଆଇଏସ୍ ରେଡିକଲାଇଜେସନ୍ ଓ ନିଯୁକ୍ତ ମାମଲାରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏନ୍ଆଇଏ । ୭ ଜଣ ଅଭିଯୁକ୍ତ ଓ ଜଣେ ରେଜିଷ୍ଟର୍ଡ ସୋସାଇଟି ବିରୋଧରେ ସପ୍ଲିମେଣ୍ଟ ଚାର୍ଜସିଟ୍ ଦାଖଲ କରିଛି । ଏହି ମାମଲା ୨୦୨୩ ରୁ ଚାଲିଥିବା ଯାଞ୍ଚ ପକ୍ରିୟାର ଅଂଶ ରହିଛି, ଯେଉଁଥିରେ ବହୁ ଯୁବପିଢିଙ୍କୁ ଆତଙ୍କବାଦୀ ଗତିବିଧି ପାଇଁ ଉସକା ଯାଉଥିବା ନେଇ ଅଭିଯୋଗ ସାମନାକୁ ଆସିଛି । ଚାର୍ଜସିଟରେ ସାମିଲ ସୋସାଇଟିର ନାଁ କୋଭଇ ଅରେବିକ୍ ଏଜୁକେସନାଲ ଆସୋସିଏସନ୍ ରହିଛି । ଏନ୍ଆଇଏ ପକ୍ଷରୁ ଆଇପିସିଓ ୟୁଏପିଏର ବହୁ ଧାରା ଅନୁସାରେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏନ୍ଆଇଏ ଏହି ସପ୍ଲିମେଣ୍ଟାରୀ ଚାର୍ଜସଟରେ କେଏଇଏ ସୋସାଇଟିକୁ ମଧ୍ୟ ଅଭିଯୁକ୍ତ ବୋଲି କହିଛି । ଯାହାକୁ ଏକ ଆଇନଗତ ସଂସ୍ଥା ଭାବରେ ଚାର୍ଜ କରାଯାଇଛି । ଏହା ହେଉଛି ସେହି ସଂସ୍ଥା ଯାହା ଅନୁସାରେ କୋଭଇ ଏରୋବିକ୍ କଲେଜ୍ ପରିଚାଳିତ ହୋଇଥାଏ । ତଦନ୍ତକାରୀଏଜେନ୍ସି ଅନୁସାରେ, ଏହି ସଂସ୍ଥା ମାଧ୍ୟମରେ ସନ୍ଦିଗ୍ଧ ଗତିବିଧିକୁ ପ୍ରୋତ୍ସାହନ ଦିଆଯାଇଛି ଓ ଯୁବପିଢିଙ୍କୁ କଠୋରପନ୍ଥୀ ବିଚାରଧାରା ଆଡକୁ ଟାଣି ନିଆଯାଉଛି । ସୋସାଇଟିର ଭୂମିକାର ଯାଞ୍ଚରେ ବହୁ ଗମ୍ଭୀର ତଥ୍ୟ ସାମନାକୁ ଆସିଛି । ଏହା ପୂର୍ବରୁ ଏନ୍ଆଇଏ ଏହି ମାମଲାରେ ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା । ଯେଉଁଥିରେ ମାଡ୍ରାସ ଏରୋବିକ୍ କଲେଜ୍ର ପ୍ରିନ୍ସପାଲ ଜମିଲ ବାସା ମଧ୍ୟ ସାମିଲ ଥିଲେ । ଏହି କେସ୍ ଏନ୍ଆ।ଇର ଫାଇଲ ଆରସି ୦୧/୨୦୨୩/NIA/CHE ର ଅଂଶ । ଏହି ପୁରା ମାମଲା ଅକ୍ଟୋବର ୨୦୨୨ ରେ ହୋଇଥିବା କୋଏମ୍ବାଟୁର କାର-ବମ୍ ବିସ୍ଫୋରଣ ଯାଞ୍ଚ ସହ ଜଡିତ, ଯେଉଁଥିରେ ସାମିଲ ୧୮ ଅଭିଯୁକ୍ତଙ୍କ ଭିତରୁ ୧୪ ଅଭିଯୁକ୍ତ ଏହି କଲେଜର ଛାତ୍ର ଥିଲେ । ଏନ୍ଆଇଏ ଯେଉଁ ୭ ଅଭିଯୁକ୍ତଙ୍କ ବିରୋଧରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରିଛି । ଏମାନେ ସମସ୍ତେ ଜମିଲ ବାଶର ଛାତ୍ର । ଯାହାଙ୍କ ନାଁ ମହମ୍ମଦ ହୁସେନ, ଇରଶ୍ରା, ଅହମ୍ମଦ ଅଲ୍ଲୀ, ଅବୁ ହନିଫ୍, ଜବାହର ସାଦିକ୍, ଶେଖ୍ ଦାଉଦ ଓ ରାଜା ମହମ୍ମଦ ରହିଛି । ଏଥିରେ ମହମ୍ମଦ ହୁସେନ ଓ ଇରଶାଦ୍ ପୂର୍ବରୁ ଦାଖଲ ହୋଇଥିବା ମୂଳ ଚାର୍ଜସିଟରେ ଅଭିଯୁକ୍ତ ଥିଲେ ।



# କଗ୍ନିଜାଂଟ ପକ୍ଷରୁ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଲ୍ୟାବ୍ ଓ କଗ୍ନିଜାଂଟ ମୋମେଂଟଟିଏମ ଷ୍ଟୁଡିଓ ଉନ୍ମୋଚିତ

**ଭୁବନେଶ୍ୱର, ୧୩।୧୨ (ନି.ପ୍ର) :** କଗ୍ନିଜାଂଟ (ନାସ୍‌ଡାକ୍:ସିଟିଏସଏଚ) ପକ୍ଷରୁ ବେଙ୍ଗାଲୁରୁରେ ଏକ ନୂଆ କଗ୍ନିଜାଂଟ ମୋମେଂଟ ଷ୍ଟୁଡିଓ ସହିତ ଏହାର ଇଣ୍ଡିଆ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ଲ୍ୟାବ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଉଭୟ ଲ୍ୟାବ୍ ଓ ଷ୍ଟୁଡିଓ , ପରବର୍ତ୍ତୀ ୩ ବର୍ଷରେ ଜେନେରେଟିଭ ଏଆଇ କ୍ଷେତ୍ରରେ ୧ ବିଲିୟନ ଡଲାର ନିବେଶ କରିବା ପାଇଁ ଲକ୍ଷ ରଖିଛନ୍ତି। ଏହି ଇଣ୍ଡିଆ ଲ୍ୟାବ ସାନ ଫ୍ରାନ୍ସିସ୍କୋରେ କଗ୍ନିଜାଂଟର ଏଆଇ ଲ୍ୟାବ୍‌କୁ ବିସ୍ତାର କରିଛି, ଯାହାକୁ ନିକଟରେ ଏହାର ୬୧ତମ ୟୁ.ଏସ. ପାଟେଂଟ ମୁର କରାଯାଇଛି । କଗ୍ନିଜାଂଟ ମୋମେଂଟ ଷ୍ଟୁଡିଓ କମ୍ପାନୀର ଡିଜିଟାଲ ଅନୁଭୂତି ଅଭ୍ୟାସର ଏକ ଅଂଶବିଶେଷ ଯାହା ଏହାର କ୍ଲାଏଂଟଙ୍କୁ ଗ୍ରାହକ ଅନୁଭୂତିକୁ ପୁନଃପରିକଳ୍ପନା କରିବା ଓ ଅଭିବୃଦ୍ଧିକୁ ପରିଚାଳନା କରିବା ପାଇଁ ଏଆଇର ବ୍ୟବହାରରେ ସାହାଯ୍ୟ କରୁଛି । ମିଳିତ ଭାବେ ଏହି ଲ୍ୟାବ୍ ଓ ଷ୍ଟୁଡିଓ ବ୍ୟବସାୟ-ପ୍ରସ୍ତୁତ ମଲ୍ଟି-ଏଜେଂଟ ସିଷ୍ଟମ, ଏଆଇ ନିଷ୍ପତି କ୍ଷମତା, ଦାୟିତ୍ୱପୂର୍ଣ୍ଣ ଏଆଇ ଓ ଏଆଇ-ଫର-ଗୁଡ ଅଭିଯାନଗୁଡିକୁ ବିକଶିତ କରିବା ଉପରେ ଗୁରୁତ୍ୱ ଦେବେ।

ଏସମ୍ପର୍କରେ କଗ୍ନିଜାଂଟର ସିଇଓ ରବି କୁମାର ଏସ୍ କହିଛନ୍ତି, 'ବେଙ୍ଗାଲୁରୁରେ ଆମର ଇଣ୍ଡିଆ ଏଆଇ ଲ୍ୟାବ ଓ କଗ୍ନିଜାଂଟ ମୁମେଂଟ ଷ୍ଟୁଡିଓ ଉଦ୍ୟୋଗଗୁଡିକ ପାଇଁ ନିର୍ଭରଶୀଳ ନିଷ୍ପତି ଗ୍ରହଣରେ ସଂଯୋଗ କରୁଥିବା ଇଂଟେଲିଜେଂଟ ସିଷ୍ଟମ ତିଆରି କରିବା ପାଇଁ ଆଗ୍ନେଟିକ ଆର୍କିଟେକ୍‌ଚର, ଏଆଇ ଟ୍ରଷ୍ଟ ଓ ପରବର୍ତ୍ତୀ ପିଢିର ଉପଭୋକ୍ତା ଅନୁଭୂତି କ୍ଷେତ୍ରରେ ଅନୁସନ୍ଧାନ ପ୍ରଦାନ କରିବ। ଲ୍ୟାବର ଟିମରେ ସାମିଲ ଥିବା ପିଏଚ୍‌ଡି-ସ୍ତରୀୟ ବୈଜ୍ଞାନିକ ଓ ଏଆଇ ଇନିୟରମାନେ ମଲ୍ଟି-ଏଜେଂଟ ଏଆଇ, ଡିସିସନିଙ୍ଗ ସିଷ୍ଟମ ଓ ଦାୟିତ୍ୱପୂର୍ଣ୍ଣ ଏଆଇ କ୍ଷେତ୍ରରେ ପ୍ରୟୋଗିକ ଗବେଷଣାକୁ ଆଗକୁ ବଢାଇବେ। ସେହିପରି କଗ୍ନିଜାଂଟର ମୁଖ୍ୟ ଏଆଇ ଅଧିକାରୀ ବାବକ ହୋଡ୍‌ଜାଟ କହିଛନ୍ତି, 'ଏହି ଇଣ୍ଡିଆ ଏଆଇ ଲ୍ୟାବ୍ କଗ୍ନିଜାଂଟର ଗବେଷଣା କ୍ଷେତ୍ର ଏବଂ ଏଆଇ ଉଦ୍ଭାବନର ପରବର୍ତ୍ତୀ ଲହରକୁ ଆଗକୁ ବଢାଇବା ପାଇଁ ଆମ ଲକ୍ଷ୍ୟର ଏକ ପ୍ରମୁଖ ବିସ୍ତାର ଅଟେ। ସେହିଭଳି କଗ୍ନିଜାଂଟ ମୁମେଂଟର ଗ୍ଲୋବାଲ ହେଡ୍ ବୋମିନ ଓ୍ୱିନର କହିଛନ୍ତି, 'ଇଣ୍ଡିଆ ଏଆଇ ଲ୍ୟାବ ଓ କଗ୍ନିଜାଂଟ ମୁମେଂଟ ଷ୍ଟୁଡିଓ ଆମର ଗ୍ରାହକଙ୍କୁ ବାଧାହୀନ ଭାବେ ପ୍ରଦାନ କରାଯାଉଥିବା ଉତ୍କୃଷ୍ଟ, ଶକ୍ତିଶାଳୀ ଓ ପ୍ରଭାବୀ ଡିଜିଟାଲ ଅନୁଭୂତିଗୁଡିକର ଏକ ନୂଆ ପିଢି ସୃଷ୍ଟି କରିବା ପାଇଁ ବୈଷୟିକ ବିଶେଷଜ୍ଞତାକୁ ମାନବ ତଥ୍ୟ ସହ ମିଶ୍ରଣ କରୁଛି।



# ଶ୍ୟାମ ମେଟାଲିକ୍ସ ପକ୍ଷରୁ ଏସଇଏଲ ଟାଇଗର ରୁଫିଂ ଶୀଟ୍ସ ରେଞ୍ଜର ଶୁଭାରମ୍ଭ

**ଗୋପାଳପୁର, ୧୩।୧୨ (ନି.ପ୍ର) :** ଭାରତର ଏକ ନେତୃତ୍ୱଶୀଳ ସଂଯୁକ୍ତ ଧାତୁ ଉତ୍ପାଦକ କମ୍ପାନୀ, ଶ୍ୟାମ୍ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ୍ (ଏସଏମଇଏଲ) ପକ୍ଷରୁ ଏହାର ପ୍ରିମିୟମ୍ ରୁଫିଂ ରେ ଏସଇଏଲ୍ ଟାଇଗର୍ ରୁଫିଂ ଶୀଟ୍ସ ର ଶୁଭାରମ୍ଭ କରାଯାଇଛି। ଏହାର ଫ୍ଲାଗଶିପ ବ୍ରାଣ୍ଡ ଏସଇଏଲ୍ ଟାଇଗର୍ ଅନ୍ତର୍ଗତ, କମ୍ପାନୀ ଓଡ଼ିଶାର ଆହ୍ୱାନପୂର୍ଣ୍ଣ ପାଣିପାଗ ଅବସ୍ଥାନୁସାରେ ତିନୋଟି ନୂତନ ଉତ୍ପାଦ ଯଥା ଏସଇଏଲ ଟାଇଗର ରୟାଲ, ଏସଇଏଲ ଟାଇଗର ଏଲିଟ, ଏବଂ ଏସଇଏଲ ଟାଇଗର ଆଲ୍ଫାର ଶୁଭାରମ୍ଭ କରିଛି। ପ୍ରତ୍ୟେକ ଉତ୍ପାଦକୁ ଶକ୍ତି, ସ୍ଥାୟୀତ୍ୱ ଏବଂ ଷ୍ଟାଇଲର ମିଶ୍ରଣ କରି ପ୍ରସ୍ତୁତ କରାଯାଇଛି, ଯାହା ଘରମାଲିକ, ବିଲ୍ଡର ଏବଂ କଂଟ୍ରାକ୍ଟରମାନଙ୍କ ପାଇଁ ଉପଯୁକ୍ତ । ସେମାନେ ଏକ ଦୀର୍ଘସ୍ଥାୟୀ ରୁଫିଂ ସମାଧାନ ଖୋଜନ୍ତି ଯାହା ଯାହା ଏହି ଅଂଚଳର ଭାରୀ ବର୍ଷା ଓ ଆର୍ଦ୍ର ସମୁଦ୍ରତଟ ଜଳବାୟୁ ସହିତ ମୁକାବିଲା କରିପାରିବ।

ଏହି ଉଦଘାଟନ ଅବସରରେ ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡର ସିଓଓ, ଶ୍ରୀ ନିର୍ମଳ ଉଦୟ କହିଛନ୍ତି, 'ଓଡ଼ିଶାରେ ବୃଦ୍ଧି ପାଇଁ ଅପାର ସମ୍ଭାବନା ଅଛି, ଏବଂ ଏହି ବଜାରରେ ଆମର ପ୍ରବେଶ ଶ୍ୟାମ୍ ମେଟାଲିକ୍ସ ର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ମାଇଲଖଂଟକୁ ଚିହ୍ନିତ କରୁଛି। ରାଜ୍ୟ ସାରା ଦ୍ରୁତ ଶିଳ୍ପାୟନ ଏବଂ ଅନେକ ଶିଳ୍ପ ପ୍ରତିଷ୍ଠା ସହିତ, ଏହି ପଦକ୍ଷେପ ବ୍ୟବସାୟ ପାଇଁ ଦୃଢ଼ ଏବଂ ଦକ୍ଷ ଶିଳ୍ପ ଭିତିଭୂମି ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଶ୍ୟାମ ମେଟାଲିକ୍ସର ଏସଇଏଲ ଟାଇଗର ରୁଫିଂ ରେଞ୍ଜ, ଓଡ଼ିଶାର ସବୁଠାରୁ କଠିନ ଜଳବାୟୁ ଜନିତ ଆହ୍ୱାନକୁ ମୁକାବିଲା କରିବା ସହିତ ଅତୁଳନୀୟ ଗୁଣବତା ଏବଂ ମୂଲ୍ୟ ପ୍ରଦାନ କରିବା ପାଇଁ ନିର୍ମାଣ କରାଯାଇଛି। ଏହି ନୂତନ ପ୍ରସ୍ତାବଗୁଡ଼ିକ ସହିତ, ଆମେ କେବଳ ଉତ୍ପାଦ ଶୁଭାରମ୍ଭ କରୁନାହୁଁ; ଆମେ ଦୃଢ଼ ଶିଳ୍ପ କମ୍ପ୍ଲେକ୍ସ ସୃଷ୍ଟିକୁ ସକ୍ଷମ କରୁଛୁ, ଦୀର୍ଘକାଳୀନ ସହଭାଗୀତା ନିର୍ମାଣ କରୁଛୁ, ଏବଂ ସ୍ଥାୟୀ, ନିର୍ଭରଯୋଗ୍ୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରୁଫିଂ ସମାଧାନ ସହିତ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଧାଣ କରୁଛୁ।

ଏହି ଶୁଭାରମ୍ଭ ପୂର୍ବ ଭାରତରେ ଶ୍ୟାମ ମେଟାଲିକ୍ସର ଗୁରୁତ୍ୱପୂର୍ଣ୍ଣ ବିସ୍ତାରକୁ ଚିହ୍ନିତ କରିଛି ଏବଂ ନବସୃଜନ, ଗୁଣବତା ଏବଂ ଗ୍ରାହକଙ୍କ ବିଶ୍ୱାସ ପ୍ରତି ଏହାର ବିଶ୍ୱସ୍ତତାକୁ ଉଲ୍ଲେଖ କରେ। ଏସଇଏଲ ଟାଇଗର ରୁଫିଂ ରେ କମ୍ପାନୀର ଉତ୍ପାଦନ ଉତ୍କର୍ଷତା ଏବଂ ଇସ୍ପାତ ଏବଂ ଧାତୁ ଶିଳ୍ପରେ ନେତୃତ୍ୱର ପ୍ରତୀକ ଭାବରେ ଠିଆ ହୋଇଛି। ଉତ୍ପାଦ ମୁଖ୍ୟଆକର୍ଷଣ: ଏସଇଏଲ ଟାଇଗର ରୟାଲ୍: ସୁପର ପ୍ରିମିୟମ କଲର-କୋଟେଡ ରୁଫିଂ ଶୀଟ୍ସ, ଯାହା ସୌନ୍ଦର୍ଯ୍ୟ ଏବଂ କାର୍ଯ୍ୟକ୍ଷମତାକୁ ନୂଆ ରୂପ ଦିଏ। ଏସଇଏଲ ଟାଇଗର ଏଲିଟ: ଲୋକପ୍ରିୟ କଲର-କୋଟେଡ୍ ଶୀଟ୍ସ ଯାହା ସ୍ଥାୟୀତ୍ୱ ଏବଂ ମୂଲ୍ୟର ଉପଯୁକ୍ତ ସନ୍ତୁଳନ ପ୍ରଦାନ କରେ। ଏସଇଏଲ ଟାଇଗର ଆଲଫା : ଗ୍ୟାଲ୍ଭାଲୁମ୍ କରୁଗେଟେଡ୍ ଶୀଟ୍ସ, ଯାହା ଦୃଢ଼ ସୁରକ୍ଷା ଏବଂ ଦୀର୍ଘସ୍ଥାୟୀତା ପାଇଁ ନିର୍ମିତ। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ସ୍ଥପତି, ଡିଲର, ଠିକାଦାର ଏବଂ ଶିଳ୍ପ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ସାଂସ୍କୃତିକ ପ୍ରଦର୍ଶନ ସହିତ ଏହି ଅଂଚଳର ସ୍ପନ୍ଦନଶୀଳ ପରିଚୟ ସହିତ ବ୍ରାଣ୍ଡର ଦୃଢ଼ ସମ୍ପର୍କକୁ ଉଜ୍ଜ୍ୱଳ କରିଥିଲା।

# ବୀଣାପାଣି ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ଖୋର୍ଦ୍ଧା, ୧୩।୧୨ (ନି.ପ୍ର):** ଖୋର୍ଦ୍ଧା ବୀଣାପାଣି ଶିଶୁ ବିଦ୍ୟାମନ୍ଦିରରେ ଗତ ତା ୦୯,୧୨, ୨୦୨୫ ରିଖରୁ ୩୬ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍ଘାଟିତ ହୋଇ ତା୧୨,୧୨,୨୦୨୫ ରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟିକୁ ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାରେ ପ୍ରଥମ ଶ୍ରେଣୀରୁ ୧୦ ଶ୍ରେଣୀ ଛାତ୍ରଛାତ୍ରୀ ମାନେ ପ୍ରତ୍ୟେକ ଖେଳ କୁଦରେ ଭାଗନେଇ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଉଦ୍‌ଯାପନି ଦିବସରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି ୩୬ ତମ କ୍ରୀଡା କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ସୁଚାରୁରୂପେ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସମ୍ପନ୍ନ କରିଥିଲେ। ଏଥି ସହ ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।

# ଫ୍ଲିପକାର୍ଟ ମିନିଟ୍ସରେ ଅର୍ଡରରେ ୧୬ ଗୁଣ ବୃଦ୍ଧି

**ଭୁବନେଶ୍ୱର, ୧୩।୧୨ (ନି.ପ୍ର) :** ଫ୍ଲିପକାର୍ଟର ଦ୍ରୁତ ବାଣିଜ୍ୟ ସୁବିଧା, ଫ୍ଲିପକାର୍ଟ ମିନିଟ୍ସ, ୨୦୨୫ର ଦ୍ୱିତୀୟ ଭାଗରେ ଅର୍ଡରରେ ୧୬ ଗୁଣ ବୃଦ୍ଧି ଏବଂ ଏହି ବର୍ଷ ୫୩ ନିୟୁତରୁ ଅଧିକ ଅନନ୍ୟ ପରିଦର୍ଶକ ରେକର୍ଡ ହାସଲ କରିଛି । ଏଥିରେ ଜେନ-ଜି ଆଗରେ ରହିଥିବାବେଳେ, ତା'ପରେ ଛାତ୍ର ଗୋଷ୍ଠୀ ରହିଛନ୍ତି। ପ୍ଲାଟଫର୍ମରେ ୭ ଦିନ ମଧ୍ୟରେ ୬ ଲକ୍ଷରୁ ଅଧିକ ଗ୍ରାହକ ପୁନରାବୃତି ଅର୍ଡର ଦେଇଛନ୍ତି। ଫ୍ଲିପକାର୍ଟ ମିନିଟ୍ସ ଟିୟର ୨ ଏବଂ ୩ କ୍ଷେତ୍ର ଉପରେ ଦୃଢ଼ ଧ୍ୟାନ ଦେଇ, ଏହି ବର୍ଷ ୩୦ ରୁ ଅଧିକ ନୂତନ ସହରରେ କାର୍ଯ୍ୟ ଆରମ୍ଭ କରିଛି। ଅଗ୍ରଣୀ ଅଫରିଙ୍ଗଗୁଡ଼ିକ ମଧ୍ୟରେ ଫଳ ଏବଂ ପନିପରିବା ରହିଛି ଯାହା ପ୍ରତ୍ୟେକ ବାସ୍କେଟରେ ୪୫% ରହିଛି । ହୋମ ଫର୍ନିସିଙ୍ଗ, ହୋମ ଡେକୋର, ପ୍ରିମିୟମ ଇଲେକ୍ଟ୍ରୋନିକ୍ସ ଏବଂ ମୋବାଇଲ ପରି ବର୍ଗଗୁଡ଼ିକ ୨୦୨୫ ପ୍ରଥମାର୍ଦ୍ଧ ତୁଳନାରେ ଦ୍ୱିତୀୟାର୍ଦ୍ଧରେ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଛି । ଏୟାର ପ୍ୟୁରିଫାୟର, ସୁନା ଏବଂ ରୂପା ମୁଦ୍ରା, ମୋବାଇଲ ଆସେସୋରିଜ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଶକ୍ତିଶାଳୀ ଟ୍ରାକ୍ସନ ପିକ୍ଟ ହୋଇଛି । ଏକ ପ୍ରଭାବଶାଳୀ ଫାର୍ମ-ଟୁ-ଡୋର ନେଟୱର୍କ ସୃଷ୍ଟି କରି ଫ୍ଲିପକାର୍ଟ ମିନିଟ୍ସ ୨୦୦୦ରୁ ଅଧିକ ଚାଷୀଙ୍କ ଠାରୁ ସିଧାସଳଖ ତାଜା ଉତ୍ପାଦ ଶୃଙ୍ଖଳା ସଂଗ୍ରହ କରିଥିଲା, ଯାହା ସ୍ଥାୟୀ ଆୟ ସୃଷ୍ଟି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି ।

ଏସମ୍ପର୍କରେ ଫ୍ଲିପକାର୍ଟ ଗ୍ରୁପର ଗ୍ରାହକ ଅଭିଜ୍ଞତା, ପୁନଃ-ବାଣିଜ୍ୟ ଏବଂ ମିନିଟ୍ସର ଯୋଗାଣ ଶୃଙ୍ଖଳାର ବରିଷ୍ଠ ଉପାଧ୍ୟକ୍ଷ ଏବଂ ମୁଖ୍ୟ ହେମନ୍ତ ବଦ୍ରି କହିଛନ୍ତି, 'ଫ୍ଲିପକାର୍ଟ ମିନିଟ୍ସ ଭାରତରେ ଦ୍ରୁତ ବାଣିଜ୍ୟକୁ ମୌଳିକ ଭାବରେ ପୁନଃପରିଭାଷିତ କରୁଛି। ଏହି ବର୍ଷ, ଫ୍ଲିପକାର୍ଟର ଦୃଢ଼ କାର୍ଯ୍ୟକ୍ଷମ କ୍ଷମତା ଦ୍ୱାରା ସମର୍ଥିତ, ଆମେ ଅଧିକ ନିର୍ଭରଯୋଗ୍ୟତା ପ୍ରଦାନ କରିଛୁ ଏବଂ ସାରା ଦେଶରେ ଆମର ଗ୍ରାହକଙ୍କ ଗଭୀର ବିଶ୍ୱାସ ଅର୍ଜନ କରିଛୁ। ଫ୍ଲିପକାର୍ଟ ମିନିଟ୍ସ ମଣ୍ଡେଲେଜ, ଦାଓ୍ୱତ, ସୁହାନା, ଆନନ୍ଦ ସୁଇଟ୍ସ, ତାଲି ଫୁଡ୍ସ, ବିକନାରଓ୍ୱାଲା, ବିଶ୍ୱ ବାଙ୍ଗଲା, ନାନିହାଲ ସମେତ ଅନେକ ଜାତୀୟ ଏବଂ ଉଦୀୟମାନ ଡିଟୁସି ବ୍ରାଣ୍ଡଗୁଡ଼ିକୁ ସାମିଲ କରିଛି, ଯାହା ଏଗୁଡ଼ିକୁ ହାଇପର ଲୋକାଲରେ ଦୃଶ୍ୟମାନତା ପ୍ରଦାନ କରିଛି ଏବଂ ବଜାର ପହଂଚକୁ ତ୍ୱରାନ୍ୱିତ କରିବା ଲାଗି ଏକ ଜାତୀୟ ମଂଚ ଯୋଗାଇଦେଇଛି । ଫ୍ଲିପକାର୍ଟ ମିନିଟ୍ସ ପରିବେଶ ଅନୁକୂଳ ଗ୍ରୀନ ପ୍ୟାକେଜିଙ୍ଗ ଆରମ୍ଭ କରି ପରିଚାଳନାରେ ସ୍ଥାୟୀତ୍ୱକୁ ଜାରି ରଖିଛି ଏବଂ ଚଳିତବର୍ଷ ୧୦ ନିୟୁତରୁ ଅଧିକ ଅର୍ଡର ଇଲେକ୍ଟ୍ରିକ ଯାନରେ ଡେଲିଭର କରାଯାଇଛି ।

# ଶୀତଦିନେ ଚର୍ମଜନିତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରାକୃତିକ ଉପାୟ

**ଭୁବନେଶ୍ୱର, ୧୩।୧୨ (ନି.ପ୍ର) :** ଶୀତଦିନେ ସାଧାରଣତଃ ନାନା ପ୍ରକାରର ଚର୍ମ ଜନିତ ସମସ୍ୟା ଦେଖାଯାଇଥାଏ । ଥଣ୍ଡା ପବନ କାରଣରୁ ଆମ ଶରୀର ଚର୍ମ ଶୁଷ୍କ ପଡିଯିବା କାରଣରୁ ଜ୍ୱଳନ ଏବଂ କୁଣ୍ଡେଇ ହେବା ଭଳି ଅନେକ ଲକ୍ଷଣ ଦେଖା ଦେଇଥାଏ। ସାମୟିକ ଚିକିତ୍ସା ଦ୍ୱାରା ଏହି ସବୁ ସମସ୍ୟାରୁ ଆପଣଙ୍କୁ ସ୍ୱଳ୍ପ ସମୟ ପାଇଁ ଉପଶମ ମିଳିପାରେ କିନ୍ତୁ ପୋଷଣଯୁକ୍ତ ଖାଦ୍ୟପେୟରୁ ହିଁ ସ୍ଥାୟୀ ଚିକିତ୍ସା ଆରମ୍ଭ ହୋଇଥାଏ।



ଏ ସଂପର୍କରେ ମତଦେଇ ପୁଷ୍ଟିସାର ବିଶେଷଜ୍ଞ ରିତିକା ସମାଦ୍ଦାର କହିଛନ୍ତି ଯେ, 'ଶୀତଦିନ ତ୍ୱଚା ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ ହେଉଛି ସଠିକ୍ ଖାଦ୍ୟ ସହିତ ଆପଣଙ୍କ ଶରୀରକୁ ପୋଷଣଯୁକ୍ତ କରିବା। ସେ କହିଛନ୍ତି ଯେ ଶୀତକାଳୀନ ଶୁଷ୍କତା କେବଳ ତ୍ୱଚା ପାଇଁ ଚିନ୍ତା ନୁହେଁ ବରଂ ଏକ ପୁଷ୍ଟିକର କାରଣ ମଧ୍ୟ। ସେ ପ୍ରୋଟିନ, ସୁସ୍ଥ ଚର୍ବି, ଭିଟାମିନ ଇ ଏବଂ ଓମେଗା-୩ ଯୁକ୍ତ ଖାଦ୍ୟ ଯେପରିକି ଚର୍ବି ମାଛ ଏବଂ କାଲିଫର୍ନିଆ ଆଲମଣ୍ଡକୁ ସାମିଲ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରନ୍ତି। ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ଆଲମଣ୍ଡକୁ ସାମିଲ କରିବା ଦ୍ୱାରା ତ୍ୱଚାକୁ ଭିତରୁ ପୋଷଣ ମିଳିଥାଏ, ପ୍ରତିକୂଳ ପାଗରେ ମଧ୍ୟ ଏହାକୁ ନରମ, ହାଇଡ୍ରେଟେଡ୍ ଏବଂ ସୁସ୍ଥ ରହିବାରେ ସାହାଯ୍ୟ କରିଥାଏ।

ଆଲମଣ୍ଡ ହେଉଛି ଅତ୍ୟାବଶ୍ୟକୀୟ ପୁଷ୍ଟିକର ଏକ ଶକ୍ତିଶାଳୀ ଉତ୍ସ ଯାହା ବିଭିନ୍ନ ଉପାୟରେ ଚର୍ମକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଶୀତଦିନେ ଶରୀର ଓ ଚର୍ମକୁ ପୋଷଣଯୁକ୍ତ କରିବାର ପ୍ରାକୃତିକ ଉତ୍ସ ହେଉଛି ଭିଟାମିନ୍ ଇ । ଭିଟାମିନ୍ ଇ ଚର୍ମର ପ୍ରାକୃତିକ ପ୍ରତିବନ୍ଧକକୁ ମଜବୁତ କରେ, ଯାହା ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଏବଂ ଭୀଷଣ ଶୀତ ସମୟରେ ଚର୍ମକୁ ନରମ ରଖେ। ଏହା ସହିତ, ଭିଟାମିନ୍ ଇ ରେ ବାର୍ଦ୍ଧକ୍ୟ ବିରୋଧୀ ଗୁଣ ମଧ୍ୟ ଅଛି, ଯାହା ଆପଣଙ୍କ ଚର୍ମର ମୁଖ୍ୟ ନମନୀୟତା ବଜାୟ ରଖିବାରେ ସାହାଯ୍ୟ କରେ। ଏହା ଛାଡ଼ା, କ୍ୟାଲିଫୋର୍ଣ୍ଣିଆ ଆଲମଣ୍ଡ ଶୀତକାଳର ଏକ ଆବଶ୍ୟକତା ହେବାର ଅନ୍ୟ ଏକ କାରଣ ହେଉଛି ସେମାନେ ଉଚ୍ଚ ପରିମାଣର ସ୍ୱାସ୍ଥ୍ୟକର ମୋନୋଅନସ୍ୟାଚୁରେଟେଡ୍ ଫ୍ୟାଟ୍ ଧାରଣ କରନ୍ତି।

ଏହି ସ୍ୱାସ୍ଥ୍ୟକର ଫ୍ୟାଟ୍ ଭିତରୁ ଚର୍ମକୁ ଆର୍ଦ୍ର କରିଥାଏ, ଚର୍ମର ନମନୀୟତାକୁ ଉନ୍ନତ କରେ ଏବଂ ଅତିରିକ୍ତ ଶୁଷ୍କତାକୁ ବାଧା ଦେଇଥାଏ। ଏହା ଚର୍ମକୁ ପୁଲ୍ପି ଏବଂ ମୃଦୁ ଦେଖାଏ, ଏବଂ ଶୀତଳ ପରିସ୍ଥିତିରେ ସାଧାରଣତଃ ଦେଖାଯାଉଥିବା ସୂକ୍ଷ୍ମ ରେଖାର ଦୃଶ୍ୟତା କମାଇଥାଏ।

ରିତିକା ଅନ୍ତନଳୀ ସ୍ୱାସ୍ଥ୍ୟ ଏବଂ ଚର୍ମ ସ୍ୱାସ୍ଥ୍ୟ ମଧ୍ୟରେ ସମ୍ପର୍କକୁ ମଧ୍ୟ ଇଙ୍ଗିତ କରନ୍ତି। ଅଧ୍ୟୟନରୁ ଜଣାପଡିଛି ଯେ ଆଲମଣ୍ଡ ଅନ୍ତନଳୀର ସୁସ୍ଥତାକୁ ସମର୍ଥନ କରେ, ଯାହା ପ୍ରଦାହ ଏବଂ ବ୍ରେକଆଉଟ୍ ହ୍ରାସ କରିପାରେ। ଏହା ଶୀତଦିନେ ବିଶେଷ ଭାବରେ ସହାୟକ ହୋଇଥାଏ, ଯେତେବେଳେ ପାଚନ ସମସ୍ୟା ଅଧିକ ଥାଏ। ସେ ପ୍ରତିଦିନ ଖାଦ୍ୟରେ କାଲିଫର୍ନିଆ ଆଲମଣ୍ଡ ମିଶାଇ ସକାଳେ ସେବନ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଶୀତଦିନରେ, ଉଜ୍ଜ୍ୱଳ ତ୍ୱଚା ପାଇଁ ମହଙ୍ଗା ଚିକିତ୍ସା କିମ୍ବା ଜଟିଳ କାର୍ଯ୍ୟପଦ୍ଧତି ଆବଶ୍ୟକ ନାହିଁ। କେତେକ ସମୟରେ ସବୁଠାରୁ ପ୍ରଭାବଶାଳୀ ସୌନ୍ଦର୍ଯ୍ୟ ସମାଧାନ ସରଳ, ପ୍ରତିଦିନର ଖାଦ୍ୟରେ ଲୁଚି ରହିଥାଏ। ସେମାନଙ୍କର ଅନନ୍ୟ ପୋଷକ ତତ୍ୱ ପ୍ରୋଫାଇଲ୍ ସହିତ, କାଲିଫର୍ନିଆ ଆଲମଣ୍ଡ ଏହି ଥଣ୍ଡା ଶୀତଦିନରେ ଆପଣଙ୍କ ତ୍ୱଚାର ଯତ୍ନ ନେବା ପାଇଁ ଏକ ପ୍ରାକୃତିକ, ପ୍ରଭାବଶାଳୀ ଏବଂ ସ୍ୱାଦିଷ୍ଟ ଉପାୟ ପ୍ରଦାନ କରେ।

# ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀର ନୂତନ ଷ୍ଟୋରର ଶୁଭାରମ୍ଭ

**କଟକ, ୧୩।୧୨ (ନି.ପ୍ର) :** ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ, ଓଡିଶାର ଐତିହାସିକ ସହର କଟକରେ ଏହାର ଦ୍ୱିତୀୟ ଷ୍ଟୋର ଖୋଲିଛି। କଟକରେ ନୂତନ ଷ୍ଟୋର ସହିତ ଇନ୍ଦ୍ରିୟା, ଭାରତର ସମୃଦ୍ଧ କାରିଗରୀ ଐତିହ୍ୟକୁ ଆଧୁନିକ ଡିଜାଇନ୍‌ର ସହିତ ଯୋଡ଼ି ଏହି କାରିଗରୀ ପରମ୍ପରାକୁ ସମ୍ମାନିତ କରିଛି । ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ରିଟେଲ ଅଭିଜ୍ଞତା ପ୍ରଦାନ କରିବା ପାଇଁ କଟକର ନୂତନ ଇନ୍ଦ୍ରିୟା ଷ୍ଟୋରକୁ ପ୍ରସ୍ତୁତ କରାଯାଇଛି । ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ଜୋନ୍ ଯେପରିକି ବ୍ରାଇଡାଲ୍ ଲାଉ୍ ଏବଂ ବିଶେଷ କାରିଗରୀ କକ୍ଷ ସହିତ ୨୮,୦୦୦ରୁ ଅଧିକ ସୁନ୍ଦର ଡିଜାଇନ୍‌ର ବିଶାଳ କଲେକ୍ସନ ଏଠାରେ ରହିଛି। ଇନ୍ଦ୍ରିୟାର ସଦ୍ୟତମ ଷ୍ଟୋର୍‌ର ଶୁଭାରମ୍ଭ ଏକ ମାଇଲଖୁଂଟ ଭାବରେ ଚିହ୍ନିତ ହୋଇଛି, କାରଣ ଏହା ଦେଶବ୍ୟାପୀ ୪୧ଟି ଷ୍ଟୋରକୁ ଏହାର ଉପସ୍ଥିତିକୁ ସଂପ୍ରସାରଣ କରିଛି। ବ୍ରାଣ୍ଡର ବର୍ଦ୍ଧିତ ସଂପ୍ରସାରଣ ମଧ୍ୟରେ ଦିଲ୍ଲୀରେ ଛଅଟି ଆଉଟଲେଟ୍, ମୁମ୍ବାଇ ଏବଂ ହାଇଦ୍ରାବାଦରେ ଚାରିଟି, ପୁଣେରେ ତିନୋଟି, ଅହମ୍ମଦାବାଦ, ଜୟପୁର, ପାଟନା ଏବଂ ବାଙ୍ଗାଲୋରରେ ଦୁଇଟି ଲେଖାଏଁ ଷ୍ଟୋର ରହିଛି। ସେହିଭଳି ଇନ୍ଦୋର, ଯୋଧପୁର, ସୁରଟ, ବିଜୟଓ୍ୱାଡା, ଭୁବନେଶ୍ୱର, ଲକ୍ଷ୍ନୌ, ପ୍ରୟାଗରାଜ, କାନପୁର, ଆଗ୍ରା, ଗୟା, ଜମ୍ମୁ, ଛତ୍ରପତି ସମ୍ଭାଜୀନଗର, ଚଣ୍ଡିଗଡ଼, ମାଙ୍ଗାଲୋର, କୋଲକାତା ଏବଂ ବର୍ତ୍ତମାନ କଟକ ଭଳି ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକରେ ଗୋଟିଏ ଷ୍ଟୋର ରହିଛି।



ଏହି ଶୁଭାରମ୍ଭ ଅବସରରେ ଫ୍ରାଂଚାଇଜ ମାଲିକ ସୀବ ହଂସ, ସଙ୍ଗୀତା ହଂସ, ଇନ୍ଦ୍ରିୟା ରିଟେଲ ମୁଖ୍ୟ ଅମିତ ଧରପ, ଇନ୍ଦ୍ରିୟା ଫ୍ରାଂଚାଇଜ ମୁଖ୍ୟ ଗୌରବ କୁମାର, ଇଷ୍ଟର ଆଂଚଳିକ ବ୍ୟବସାୟ ମ୍ୟାନେଜର ଦୀପନ ସେନଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇନ୍ଦ୍ରିୟାର ସିଇଓ ଶ୍ରୀଯୁକ୍ତ ସନ୍ଦୀପ କୋହଲି କହିଛନ୍ତି, 'ଆମର ସମ୍ପ୍ରସାରଣ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଏବଂ ଭୁବନେଶ୍ୱରରେ ଆମର ପ୍ରଥମ ଷ୍ଟୋର ପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକୃତରେ ପ୍ରେରଣାଦାୟକ ହୋଇଛି। କଟକରେ ଆମର ଦ୍ୱିତୀୟ ଷ୍ଟୋରର ଶୁଭାରମ୍ଭ ସହିତ, ଆମେ କେବଳ ଓଡ଼ିଶାରେ ନୁହେଁ ବରଂ ପୂର୍ବାଂଚଳରେ ଇନ୍ଦ୍ରିୟାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଉତ୍ସାହିତ। ଆମର ସଂଗ୍ରହଗୁଡ଼ିକ ଏହି ଅଂଚଳର ଅନନ୍ୟ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତାଶୀଳ ଭାବରେ ପ୍ରସ୍ତୁତ କରାଯାଇଛି, ଯାହା ସମୟର କଳାକୃତିକୁ ସମସାମୟିକ ସୁନ୍ଦରତା ସହିତ ମିଶ୍ରଣ କରିଛି, ଯାହା ନିଶ୍ଚିତ କରିଥାଏ ଯେ ଆମର ଅଳଙ୍କାର ଆଜିର ଗ୍ରାହକଙ୍କ ସ୍ୱାଦ ସହିତ ପ୍ରତିଫଳିତ ହୁଏ।

# ପ୍ରଥମ ସ୍ୱଦେଶୀ ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ଯାତ୍ରୀବାହୀ ଜାହାଜର ବାରାଣସୀରେ ବାଣିଜ୍ୟିକ ଶୁଭାରମ୍ଭ



**ବାରାଣସୀ, ୧୩।୧୨ (ନି.ପ୍ର) :** ଭାରତ ଆଜି ନିଜର ସବୁଜ ସାମୁଦ୍ରିକ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। କେନ୍ଦ୍ରୀୟ ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ ଆଜି ନମୋ ଘାଟରେ ଦେଶର ପ୍ରଥମ ପୂର୍ଣ୍ଣ ସ୍ୱଦେଶୀ ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ଯାତ୍ରୀବାହୀ ଜାହାଜର ବାଣିଜ୍ୟିକ ସେବାକୁ ଉଦଘାଟନ କରିଛନ୍ତି।

ଏହି ଜାହାଜଟି ଭାରତରେ ସାମୁଦ୍ରିକ କ୍ଷେତ୍ରରେ ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ପ୍ରୋପଲ୍ସନ୍ ପ୍ରଦର୍ଶନ କରୁଥିବା ପ୍ରଥମ ଜାହାଜ ଏବଂ ଏହାର ସମସ୍ତ ପ୍ରଯୁକ୍ତି ସଂପୂର୍ଣ୍ଣ ସ୍ୱଦେଶୀ। ଏହା ଏକ ଲୋ-ଟେମ୍ପରେଚର ପ୍ରୋଟନ ଏକ୍ସଚେଞ୍ଜ ମେମ୍ବ୍ରେନ (ପିଇଏମ) ଫ୍ୟୁଏଲ୍ ସେଲ୍ ସିଷ୍ଟମ୍ ଉପରେ ଚାଳିତ ହେଉଛି ଯାହା ଷ୍ଟୋର୍ କରାଯାଇଥିବା ହାଇଡ୍ରୋଜେନ୍‌କୁ ବିଦ୍ୟୁତ୍‌ରେ ରୂପାନ୍ତରିତ କରି କେବଳ ପାଣିକୁ ନିର୍ଗମନ କରୁଛି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଗତିଶୀଳ ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ ସ୍ୱଚ୍ଛ, ସ୍ଥାୟୀ ଏବଂ ଆତ୍ମନିର୍ଭରଶୀଳ ପରିବହନ ବ୍ୟବସ୍ଥା ଆଡ଼କୁ ଏକ ରୂପାନ୍ତରକାରୀ ପରିବର୍ତ୍ତନ ଅନୁଭବ କରୁଛି । ଆମର ପ୍ରଥମ ସ୍ୱଦେଶୀ ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ଜାହାଜର ଉଦଘାଟନ ପ୍ରଧାନମନ୍ତ୍ରୀଙ୍କ ମେକ୍ ଇନ୍ ଇଣ୍ଡିଆ। ଏବଂ ସମସ୍ତ କ୍ଷେତ୍ରରେ ସବୁଜ ସବୁଜ ଗମନାଗମନକୁ ପ୍ରୋତ୍ସାହିତ କରିବାର ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ଉଦାହରଣ। ଏହି ମାଇଲଖୁଂଟ ଆମର ପବିତ୍ର ଗଙ୍ଗାକୁ ପୁନରୁଜ୍ଜୀବନ ଦେବା ଏବଂ ସଂରକ୍ଷଣ କରିବାର ବୃହତର ମିଶନକୁ ମଧ୍ୟ ମଜବୁ କରୁଛି।

ଭାରତୀୟ ଅନ୍ତର୍ଦେଶୀୟ ଜଳପଥ କର୍ତ୍ତୃପକ୍ଷ (ଆଇଡବ୍ଲୁଏଆଇ)ର ମାଲିକାନାରେ ଥିବା ଏହି ଜାହାଜଟି କୋଚିନ୍ ଶିପୟାର୍ଡ ଲିମିଟେଡ୍ (ସିଏସଏଲ) ଦ୍ୱାରା ନିର୍ମିତ। ପରୀକ୍ଷଣ ସମ୍ପୂର୍ଣ୍ଣ ହେବା ପରେ ଏହା ସେବାରେ ଲାଗିଛି। ଏହି ଉଦଘାଟନ ସରକାରଙ୍କ ୨୦୭୦ ସୁଦ୍ଧା ନେଟ୍-ଜିରୋ ନିର୍ଗମନ ଲକ୍ଷ୍ୟ ହାସଲ କରିବାର ପ୍ରତିବଦ୍ଧତା ସହିତ ସମାନ ଏବଂ ଭାରତର ଅନ୍ତଃଦେଶୀୟ ଜଳପଥରେ ସ୍ୱଚ୍ଛ ଓ ସ୍ଥାୟୀ ଇନ୍ଧନକୁ ଆଗେଇ ନେବାରେ ମନ୍ତ୍ରଣାଳୟର ପ୍ରୟାସକୁ ସମର୍ଥନ କରୁଛି।

ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ଜାହାଜର ବାଣିଜ୍ୟିକ ସେବା ଆରମ୍ଭ ଭାରତର ଅଧିକ ସ୍ୱଚ୍ଛ ଓ ସ୍ଥାୟୀ ସାମୁଦ୍ରିକ ପରିବେଶ ଗିବାରେ ଏକ ଗୁର୍ବିତ ମାଇଲଖୁଂଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମନ୍ତ୍ରୀ ସୋନୋଓ୍ୱାଲଙ୍କ ନେତୃତ୍ୱରେ ଆଇଡବ୍ଲ୍ୟୁଏଆଇ ମାରିଟାଇମ୍ ଇଣ୍ଡିଆ। ଭିଜନ୍ ୨୦୩୦ ଏବଂ ମାରିଟାଇମ୍ ଅମୃତ କାଳ ଭିଜନ୍ ୨୦୪୭ର ଅଂଶ ଭାବେ ଉନ୍ନତ ସବୁଜ ପ୍ରଯୁକ୍ତି ଏବଂ ବିକଳ୍ପ ଇନ୍ଧନର ଗ୍ରହଣକୁ ତ୍ୱରାନ୍ୱିତ କରୁଛି।

ସହରାଚଂଳ ଯାତ୍ରା ପାଇଁ ପ୍ରସ୍ତୁତ କରାଯାଇଥିବା ୨୪ ମିଟର ଲମ୍ବର ଏହି କ୍ୟାଟାମାରାନ୍ ଜାହାଜରେ ଏୟାର-କଣ୍ଡିସନ୍ କ୍ୟାବିନ୍‌ରେ ୫୦ ଜଣ ଯାତ୍ରୀ ଯାତ୍ରା କରିପାରିବ ଏବଂ ୬.୫ ନଟ୍ ସର୍ଭିସ୍ ଗତିରେ ଚାଲିପାରିବ। ଏହାର ହାଇବ୍ରିଡ୍ ଶକ୍ତି ବ୍ୟବସ୍ଥାରେ ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍, ବ୍ୟାଟେରୀ ଏବଂ ସୌରଶକ୍ତି ରହିଛି ଯାହା ଏକ ଥର ହାଇଡ୍ରୋଜେନ୍ ଭର୍ତି କରି ୮ ଘଣ୍ଟା ପର୍ଯ୍ୟନ୍ତ ଚାଲିପାରିବ। ଏହି ଜାହାଜଟି ଇଣ୍ଡିଆନ୍ ରେଜିଷ୍ଟର ଅଫ୍ ଶିପିଙ୍ଗ ଦ୍ୱାରା ପ୍ରମାଣିତ।

# ଡାଲମିଆ ଭାରତ ଗ୍ରୁପ୍ ପକ୍ଷରୁ ଦୀର୍ଘସ୍ଥାୟିତ୍ୱ ଏବଂ ସେବା ଉପରେ ଆଧାରିତ 'ସେବା ଦିବସ' ପାଳନ

**ଭୁବନେଶ୍ୱର, ୧୩।୧୨ (ନି.ପ୍ର) :** ଭାରତରେ ଏକ ଅଗ୍ରଣୀ ସିମେଣ୍ଟ ଓ ଚିନି ଉତ୍ପାଦନକାରୀ ଗ୍ରୁପ୍ ଡାଲମିଆ ଭାରତ ଗ୍ରୁପ୍ ଏହାର ପରମପୂଜ୍ୟ ପ୍ରତିଷ୍ଠାତା ତଥା ଏକନିଷ୍ଠ ମୂଲ୍ୟବୋଧ ଓ ନିଃସ୍ୱାର୍ଥପର ସେବାରେ ନିଜ ଜୀବନକୁ ଆଗେଇ ନେଇଥିବା ଜଣେ ଦୂରଦ୍ରଷ୍ଟା ଶିଳ୍ପପତି ଓ ବଦାନ୍ୟ ବ୍ୟକ୍ତିତ୍ୱ ଶ୍ରୀ ଜୟ ଦୟାଲ ଡାଲମିଆ ଜୀଙ୍କ ୧୨୧ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସମଗ୍ର ଭାରତରେ ତାହାର ବ୍ୟବସାୟ ପରିଚାଳନା ଅଞ୍ଚଳରେ 'ସେବା ଦିବସ' ପାଳନ କରିଥିଲା। ଗ୍ରୁପ୍‌ର ଉତ୍ପାଦନକାରୀ ୟୁନିଟ, ଆଞ୍ଚଳିକ କାର୍ଯ୍ୟାଳୟ, କର୍ପୋରେଟ କାର୍ଯ୍ୟାଳୟ ସମେତ ଭାରତର ୨୫ଟି ସ୍ଥାନରେ ଡିସେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ସେବା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଗ୍ରୁପ୍ ତାହାର ପ୍ରତିଷ୍ଠାତାଙ୍କର କରୁଣା, ବିନମ୍ର ଭାବ, ସଚ୍ଚୋଟତା ଏବଂ ସମାଜ ପ୍ରତି ସେବାର ସ୍ଥାୟୀ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ କରିଥିଲା। ଚଳିତ ବର୍ଷ ଏହି ଉତ୍ସବ ପାଳନ ଦୀର୍ଘସ୍ଥାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ଥିଲା, ଯାହା ତାଙ୍କର ଦାୟିତ୍ୱସମ୍ପନ୍ନ ଅଭିବୃଦ୍ଧି ଏବଂ ପରିବେଶଗତ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲା। ସମସ୍ତ ସ୍ଥାନରେ କର୍ମଚାରୀବୃନ୍ଦ, ସହଭାଗୀ ଏବଂ ଜନସାଧାରଣ ସାମୂହିକ କାର୍ଯ୍ୟକ୍ରମ ଜରିଆରେ ବୃକ୍ଷ ଚାରା ରୋପଣ ଏବଂ ସଫେଇ ଅଭିଯାନ, ପୁନଃଚକ୍ରଣ ପ୍ରୟାସ ସମ୍ପର୍କିତ ସଚେତନତା ହାତକୁ ନେଇଥିଲେ। ଏଥିସହିତ ସେମାନେ 'ଅନ୍ନ ଦାନ'ର ଅଂଶ ଭାବରେ ଅନାଥାଶ୍ରମ ଓ ଜରାଶ୍ରମଗୁଡିକୁ ଗସ୍ତ କରିବା ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଭିତିଭୂମି ଓ ପୁନଃବିକାଶମୂଳକ କାର୍ଯ୍ୟ କରିଥିଲେ। ମୂଲ୍ୟ ଭିତ୍ତିକ ଭାବ ବିନିମୟ ଏବଂ ଗୋଷ୍ଠୀ ନିୟୋଜନକାରୀ 'ପଥପ୍ରାନ୍ତ ନାଟକ' ଆଦି ଏହାର ପ୍ରତିଷ୍ଠାତାଙ୍କ ମାର୍ଗଦର୍ଶିତ ଦାୟିତ୍ୱସମ୍ପନ୍ନ ନାଗରିକତା ସଂସ୍କୃତି ଏବଂ ନୈତିକ ଜୀବନ ନିର୍ବାହ ବ୍ୟବସ୍ଥାକୁ ପୁନଃ ସୁଦୃଢ଼ କରିଥିଲା।



ସେବା ଦିବସ ପାଳନର ଅଂଶ ଭାବରେ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର ଓ କଟକରେ ଅବସ୍ଥିତ ତାହାର କାର୍ଯ୍ୟକ୍ଷେତ୍ରରେ ଗୋଷ୍ଠୀ କୈନ୍ଦ୍ରିକ ପ୍ରୟାସଗୁଡିକ କାର୍ଯ୍ୟକାରୀ କରିଥିଲା ଏବଂ ଏହା ୩୨୭୪ ଜଣ ହିତାଧିକାରୀଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥିଲା। ଗୋଷ୍ଠୀ ଭିତିଭୂମି ଉପରେ ମୁଖ୍ୟ ଗୁରୁତ୍ୱ ଦିଆଯିବା ସହିତ କଟକରେ ୧୫୦୦ ଲୋକ ଉପକୃତ ହେବା ନିମନ୍ତେ ବୃହଦାକାର ଗୋଷ୍ଠୀ ଜଳ ଯୋଗାଣ ସୁବିଧା ଏବଂ ରାଜଗାଙ୍ଗପୁରରେ ଦକ୍ଷତା ବିକାଶ ନିମନ୍ତେ ଏକ ସୋଲାର ଆଣ୍ଡ୍ ଇଲେକ୍ଟ୍ରିକାଲ ଲାବ୍ ଉଦଘାଟନ ଭଳି ପ୍ରମୁଖ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରାଯାଇଥିଲା। ଏଗୁଡିକ ସହିତ କମ୍ପାନୀ ମଧ୍ୟ ସିଲେଇ ମେସିନ ପ୍ରଦାନ, ଏସଏଚ୍‌ଜିଗୁଡିକୁ ସହାୟତା, ପୋଷଣ କିଟ୍ ଏବଂ ରକ୍ତଦାନ ଶିବିର ଆଦି ଜରିଆରେ ହିତାଧିକାରୀମାନଙ୍କୁ ସମର୍ଥନ ଯୋଗାଇ ଦେଇଥିଲା, ଯାହା ସମଗ୍ର ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଗୋଷ୍ଠୀ ବିକାଶ ପ୍ରତି ଡାଲମିଆ ସିମେଣ୍ଟର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। କମ୍ପାନୀ ମଧ୍ୟ ଉଭୟ ସ୍ଥାନରୁ ୩୨ ଜଣ ଗ୍ରାମ ସ୍ୱେଚ୍ଛାସେବୀଙ୍କୁ ଗୋଷ୍ଠୀ ବିକାଶ ପ୍ରୟାସ ନିମନ୍ତେ ସମ୍ମାନିତ କରିଥିଲା। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୨ହଜାର ଟଙ୍କା ଏବଂ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଏହି ଉତ୍ସବ ପାଳନର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖକରି ଶ୍ରୀ ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ ହେଡ, ରାଜଗାଙ୍ଗପୁର କହିଥିଲେ, 'ଡାଲମିଆ ଭାରତରେ ସେବା ଦିବସ କେବଳ ଆମର ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ ନୁହେଁ, ଏହା ତାଙ୍କର ଆଦର୍ଶଗୁଡିକର ଏକ ଜୀବନ୍ତ ପରିପ୍ରକାଶ। ଏହି ସପ୍ତାହରେ ହାତକୁ ନିଆଯାଇଥିବା ପ୍ରତ୍ୟେକ ପ୍ରୟାସ ଦାୟିତ୍ୱ ସମ୍ପନ୍ନ ସହିତ ନିର୍ମାଣକରିବା, ଗଭୀର ଭାବରେ ଯତ୍ନ ନେବା ଏବଂ ଆମକୁ ବଜାୟ ରଖିଥିବା ଜନସମୁଦାୟ ଓ ପରିବେଶ ବ୍ୟବସ୍ଥା ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ରଖିବା ନିମନ୍ତେ ଉଦ୍ଦିଷ୍ଟ। ସବୁଜ ବଳୟକୁ ସୁଦୃଢ କରିବା ଠାରୁ ଗୋଷ୍ଠୀ ସ୍ଥଳଗୁଡିକର ପୁନରୁଦ୍ଧାର ଏବଂ ଆପଦପ୍ରବଣଙ୍କୁ ଯତ୍ନଶୀଳ ହାତ ବଢାଇବାକୁ ପ୍ରତ୍ୟେକ ପ୍ରୟାସ ସଚେତନ ପ୍ରଗତି ନିମନ୍ତେ ତାଙ୍କର ସ୍ଥାୟୀ ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି। ଏହା ଆମକୁ ସ୍ମରଣ କରାଇ ଦେଉଛି ଯେ, ଅଭିବୃଦ୍ଧି ନିଶ୍ଚିତ ଭାବରେ ଉଭୟ ଜନସାଧାରଣ ଏବଂ ପୃଥିବୀ ପାଇଁ ଦାୟିତ୍ୱସମ୍ପନ୍ନ ଆଧାରିତ ହେବା ଆବଶ୍ୟକ। ସେବା ଦିବସ ପାଳନର ଅଂଶ ଭାବରେ ଡାଲମିଆ ଭାରତ ମଧ୍ୟ ଏହାର ପରମ୍ପରାଗତ ସମ୍ମାନ ପ୍ରଦାନ ପ୍ରୟାସଗୁଡିକୁ ଆଗେଇ ନେଇ ଦୀକ୍ଷା କେନ୍ଦ୍ର ସର୍ବଶ୍ରେଷ୍ଠ ପ୍ରଦର୍ଶକ ଜରିଆରେ ଦୀର୍ଘକାଳୀନ ଅବଦାନ ଏବଂ ରୂପାନ୍ତରଣକୁ ସମ୍ମାନିତ କରିଥିଲା। ଏଥିରେ ଦକ୍ଷତା ବିକାଶ ଏବଂ ଗୋଷ୍ଠୀଗତ ପ୍ରଭାବରେ ଉତ୍କର୍ଷ ହାସଲ କରିଥିବା ୧୬ ଜଣ ଦୀକ୍ଷା ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଗ୍ରାମ ପରିବର୍ତ୍ତନ ଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ଅର୍ଥପୂର୍ଣ୍ଣ ଗ୍ରାମାଞ୍ଚଳ ରୂପାନ୍ତରଣକୁ ଆଗେଇ ନେଇଥିବା ୨୨ଜଣ ବ୍ୟକ୍ତିବିଶେଷଙ୍କୁ ଏବଂ ଉତ୍ସର୍ଗୀକୃତ କାର୍ଯ୍ୟ, ନିରନ୍ତର ପ୍ରଦର୍ଶନ ଏବଂ ଗ୍ରୁପ୍‌ର ମୂଲ୍ୟବୋଧକୁ ବଜାୟ ରଖିବା ନିମନ୍ତେ କର୍ମଚାରୀଙ୍କୁ ସତତ କର୍ମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।



# ଡେଲାଙ୍ଗ କଲେଜର ୪୬ତମ ବାର୍ଷିକ ଉତ୍ସବ ସମାବେଶ




**ଡେଲାଙ୍ଗ,୧୩।୧୨ (ନି.ପ୍ର):** ମୁଖ୍ୟମନ୍ତ୍ରୀଙ୍କ ୨୦୩୬ ବିକଶିତ ଓଡିଶା ଓ ପ୍ରଧାନମନ୍ତ୍ରୀଙ୍କ ୨୦୪୭ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ଆଜିର ଡେଲାଙ୍ଗ କଲେଜ ଛାତ୍ରଛାତ୍ରୀ ଆମ ଅଂଚଳର ସମ୍ବଳ ଏବଂ ସେମାନଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ଶୁକ୍ରବାର ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ଆଶ୍ରିତ ପଟନାୟକ ମତ ପ୍ରକାଶ କରିଛନ୍ତି। ୧୯୯୧ ମସିହାରେ ସ୍ଥାପିତ ଏହି ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସହଯୋଗୀମାନଙ୍କ ଅନବଦ୍ୟ ଉଦ୍ୟମକୁ ସ୍ମରଣ କରି ବିଧାୟକ ଶ୍ରୀ ପଟନାୟକ କୃତଜ୍ଞତା ଜଣାଇବା ସହ ଏହି କଲେଜ ଭିତିଭୂମି ଓ ପାରିପାର୍ଶ୍ୱିକ ବିକାଶ ଓ ଅଧ୍ୟାପକ/ଅଧ୍ୟାପିକା ମାନଙ୍କ ସମସ୍ୟାର ପ୍ରତିକାର ପାଇଁ ଉପଯୁକ୍ତ ଫୋରମରେ ଉଦ୍ୟମ କରିବାକୁ ଆଶ୍ୱାସନା ଦେଇଥିଲେ। କଲେଜ ଅଧ୍ୟକ୍ଷା ଡ଼ଃ ସ୍ନେହାଞ୍ଜଳି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସମାବେଶରେ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ଅଶୋକ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ କଲେଜ ତଥା ଡେଲାଙ୍ଗ ଅଂଚଳର ଗରିମାମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ନିକଟ ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ସରୋଜ କୁମାର ପଣ୍ଡା ଓ ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ରଖିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପକ ଜିତେନ୍ଦ୍ର କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅଧ୍ୟାପିକା ସୁମଞ୍ଜୁଳା ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ। ଅଧ୍ୟକ୍ଷା ଡ଼ଃ ମହାନ୍ତି କଲେଜର ସଫଳତା ଓ ସମସ୍ୟା ସମ୍ବଳିତ ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ସୁରଭି ପ୍ରବନ୍ଧ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର ପୂର୍ବକ କଲେଜର ଗୌରବ ବୃଦ୍ଧି କରିଥିବା ଛାତ୍ରୀ ଶୁଭଶ୍ରୀ ରଥଙ୍କ ସହ କ୍ରିଡ଼ା ଓ ମେଧା ପ୍ରତି ଯୋଗିତାର ଶତାଧିକ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ଆଶୀଷ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନେ ନୃତ୍ୟ ସଂଗୀତ ପ୍ରଦର୍ଶନ ପୂର୍ବକ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲେ।

# ନାବାଳକ ର ତଣ୍ଟିଚିପି ହତ୍ୟା ରେ ମୁଖ୍ୟ ଅଭିଯୁକ୍ତ ମହିଳା ଗିରଫ

**କବିସୂର୍ଯ୍ୟନଗର, ୧୩।୧୨ (ନି.ପ୍ର):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ସାମନ୍ତରାପୁର ଗ୍ରାମ ରେ ଗତ ୧୦ ତାରିଖ ଦିନ ଅଜା ଘରକୁ ବୁଲି ଆସିଥିବା ଜଣେ ନାବାଳକ ଆଦିତ୍ୟ ର ସନ୍ଦେହ ଜନକ ହତ୍ୟା ଘଟଣା କୁ ନେଇ ଆଦିତ୍ୟ ର ଅଜା କବିସୂର୍ଯ୍ୟନଗର ଥାନାରେ ଏତଲା ଦେବାପରେ ପୋଲିସ ଏକ ମାମଲା ରୁଜୁ କରି କବିସୂର୍ଯ୍ୟନଗର ଥାନା ଅଧିକାରୀ ନିରଂଜନ ଦାଶ ତଦନ୍ତ କରିବା ପରେ ଜଣାପଡିଛି ଯେ ମୃତ ନାବାଳକ ଆଦିତ୍ୟ ର ପଡୋଶୀ ମହିଳା ତାକୁ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ଖୁଲାସା କରିଛି। ଅଭିଯୁକ୍ତ ମହିଳା ଜଣଙ୍କ ପୋଲିସ କୁ ଦେଇଥିବା ବୟାନ ପ୍ରକାରେ। ଗତ କିଛି ଦିନ ପୂର୍ବେ ମହିଳାଙ୍କ ପୁଅ ର ଅଚାନକ ମୃତ୍ୟୁ ହୋଇଥିଲା। ପୁଅ ମୃତ୍ୟୁ କୁ ନେଇ ସେ ଗୁଣି ସନ୍ଦେହ କରି ବିଭିନ୍ନ ଜାଗାକୁ ଯାଇଥିବା ବେଳେ ହରିଆଣା ରାଜ୍ୟ ରେ ରହୁଥିବାରୁ ସେଠାରେ ଜଣେ ଗୁଣିଆ ର ସାହାର୍ଯ୍ୟ ନେଇ ପଡୋଶୀ ଘର ଲୋକଙ୍କୁ ସନ୍ଦେହ କରି ଅନ୍ଧ ବିଶ୍ୱାସ ରେ ନିଜ ପୁଅର ପ୍ରତିଶୋଧ ନେବାକୁ ପଡୋଶୀ ଘର ନାତି (ଯିଏ କି ଶେରଗଡ଼




ଅଞ୍ଚଳର ) ଆଦିତ୍ୟ ଅଜା ଘରକୁ ବୁଲି ଆସିଥିବା ବେଳେ ତାକୁ ଟେକି ନେଇ ଘର ଭିତରେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୁକ୍ତ ମହିଳା ସ୍ୱୀକାର କରିଥିବା ଆଜି କବିସୂର୍ଯ୍ୟନଗର ଥାନାରେ ପ୍ରେସ ମିଟ କରିଆରେ ସୂଚନା ଦେଲେ ପୁରୁଷୋତ୍ତମପୁର SDPO ସୁଜିତ ନାୟକ।

## ତିନି ମାସରେ କଂକ୍ରିଟ ରାସ୍ତା ଶୋଚନୀୟ

# ଅଞ୍ଚଳବାସୀଙ୍କ ନିମ୍ନମାନର କାମ ଅଭିଯୋଗ



**ଖଣ୍ଡପଡ଼ା, ୧୩।୧୨ (ନି.ପ୍ର):** ମାତ୍ର ୪ ମାସ ତଳେ ପ୍ରାୟ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସିମେଣ୍ଟ କଂକ୍ରିଟ ରୋଡ ତିଆରି ହୋଇଥିଲା। ତେବେ ଦିନ କେଇଟା ପରେ ଏବେ ରାସ୍ତାରୁ ଗୋଡି ବଜୁରି ଫୁଟି ବାହାରିଥିବା ବେଳେ ହନ୍ତସନ୍ତ ହେଲେଣି ଅଞ୍ଚଳବାସୀ। ଫଳରେ ନିମ୍ନମାନର କାମ ହୋଇଥିବା ସ୍ପଷ୍ଟ ହୋଇଥିବା ବେଳେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠାଇଲେଣି ଜନ ପ୍ରତିନିଧି। ମିଳିଥିବା ସୂଚନା ଅନୁଯାୟୀ ସହରାଞ୍ଚଳ ୭ ନଂ ୱାର୍ଡ ଅଧୀନ ଅନୁସୂଚିତ ସାହିରେ ପ୍ରାୟ ୯ ଲକ୍ଷ ବ୍ୟୟ ଅଟକଳରେ ରାସ୍ତା, ଡ୍ରେନ ଏବଂ କଲଭର୍ଟ ନିର୍ମାଣ କରାଯାଇଥିଲା। ତେବେ କାର୍ଯ୍ୟ ଆରମ୍ଭ ସମୟରେ ନିମ୍ନମାନର କାମ ହେଉଥିବା ନେଇ ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ଏବଂ ସ୍ଥାନୀୟ ଅଧିବାସୀ ଅନେକଥର ବିଭାଗୀୟ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କାମ ହାତେଇ ଥିବା ଠିକାଦାର ମନମୁଖୀ କାରବାର କରିଥିବା ବେଳେ ସୁରକ୍ଷା ଦେଇଥିଲେ ଏନଏସି କର୍ତୃପକ୍ଷ। ଫଳରେ ମାସ କେଇଟାରେ ରାସ୍ତାରେ ଯିବା କାଠିକର ପାଠ ହେଲାଣି। ଏକାଧିକ ସ୍ଥାନରେ ଗୋଡି ବଜୁରି ଉଠିଯାଇଥିବା ବେଳେ ଏଷ୍ଟିମେଟ ବାହାରେ କାର୍ଯ୍ୟ ହୋଇଥିବା ଯୋଗୁଁ ଶୋଚନୀୟ ହୋଇପଡିଲାଣି କଂକ୍ରିଟ ରାସ୍ତାୟ ଏପରିକି ଆସନ୍ତା ମୌସୁମୀ ବର୍ଷାରେ ରାସ୍ତା ସଂପୂର୍ଣ୍ଣ ଧୋଇହୋଇଯିବା ସ୍ଥିତି ଉପୁଜିଛି। ଖାଲିସେତିକି ନୁହେଁ ଅନେକ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ବେଳେ ଏହାର ସ୍ଥାୟିତ୍ୱ କେତେ ପ୍ରଶ୍ନ କରୁଛନ୍ତି ପଥଚାରୀ। ଏନଏସି କର୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଏହାର ବିଧିବଦ୍ଧ ତଦନ୍ତ କରାଇ ମରାମତି ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜୟଶ୍ରୀ ଓ ଶନି ମନ୍ଦିର ଛକ ଠାରେ ଓଭର ବ୍ରିଜ ନିର୍ମାଣ ଦାବି

**ଗଞ୍ଜାମ, ୧୪/୧୨ (ନି.ପ୍ର) :** ୧୬ ନଂ ଜାତୀୟ ରାଜପଥ ରାଜପଥ ଜୟଶ୍ରୀ ଛକ ଏବଂ ଶନି ମନ୍ଦିର ଛକ ଠାରେ ଓଭର ବ୍ରିଜ ନିର୍ମାଣ ନେଲ ଜିଲ୍ଲା ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଦୁଇ ଛକ ଦେଇ ଦୈନନ୍ଦିନ ଶହ ଶହ ସ୍କୁଲ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ଏଥିସହ ଗଞ୍ଜାମ ବାଇପାସ ଦେଇ ଗ୍ରାସୀମ କମ୍ପାନୀକୁ ଶହ ଶହ କର୍ମଚାରୀ ଯିବା ଆସିବା କରନ୍ତି । ଉଭୟ ପଟରୁ ହଜାର ହଜାର ଟ୍ରକ ବସ ଯିବା ଆସିବା କରୁଛନ୍ତି। ଏଥିପାଇଁ ଅଧିକାଂଶ ସମୟରେ ଉଭୟ ଛକ ଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନାଜିର ରହିଛି। ଗତ କିଛି ଦିନ ତଳେ ଜୟଶ୍ରୀ ଛକ ଠାରେ ଗୋଟେ ଅଟୋ ରୋଡ଼ ପାସ କରୁଥିବା ସମୟରେ ଟ୍ରକ ଧକ୍କା ଦେଇଥିଲା। ସେହିପରି ଶନି ମନ୍ଦିର ଛକ ଠାରେ ମଧ ଜଣେ ବାଇକ ଆରୋହୀକୁ ମଧ ଟ୍ରକ ଧକ୍କା ଦେଇ ଦ୍ରୁତ ଗତିରେ ଚାଲି ଯାଇଥିଲା। ଏଥିପାଇଁ ଦୁଇ ଛକରେ ଓଭର ବ୍ରିଜ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିନୋଦ ମହାପାତ୍ର ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଯାଜପୁର, ୧୪/୧୨(ନି.ପ୍ର):** ଅଦ୍ୟ ଯାଜପୁର ଏସ୍.ୟୁ.ସି.ଆଇ (କ)ର ଆଞ୍ଚଳିକ କମିଟି ପକ୍ଷରୁ ୧୨ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଯାଜପୁର ବିଡିଓଙ୍କୁ ଆଞ୍ଚଳିକ କମିଟି ସମ୍ପାଦିକା ସୁଲୋଚନା ପ୍ରଧାନଙ୍କ ନେତୃତ୍ୱରେ ପ୍ରମୋଦ ମଲ୍ଲିକ, ଜଗବନ୍ଧୁ ମଲ୍ଲିକ, ଲବଙ୍ଗଲତା ଜେନା ଓ ରାଜଶ୍ରୀ ମହାନ୍ତି ବିଡିଓଙ୍କୁ ଦାବିପ୍ରତ୍ର ପ୍ରଦାନ କରିଥିଲେ। ଦାବି ସମୁହ ଛାତ୍ରୀ ଓ ନାରୀ ନିର୍ଯ୍ୟତନା ମନ୍ଦ କରାଯାଉ, ମଦ ଓ ମାଦକ ଦବ୍ୟ, ଅପସଂସ୍କୃତି ଓ ଅଶ୍ଳୀତା ବନ୍ଦ କରାଯାଉ, ଆକାଶ ଛୁଆଁ ଦରଦାମ ବୃଦ୍ଧି ବନ୍ଦ କରାଯାଉ, ଯାଜପୁର ମେଡିକାଲର ଅବ୍ୟବସ୍ଥା ଦୂର କରାଯାଉ, ଷଣ୍ଢ ଓ ମାଙ୍କଡ଼ ମାନଙ୍କ ଦ୍ୱାରା ଫସଲ ନଷ୍ଟ ରୋକାଯାଉ ପ୍ରମୁଖ ଦାବି ସମୁହକୁ ଦୃଷ୍ଟି ଦେବାକୁ ଦାବି ପତ୍ର ଯାଜପୁର ବିଡିଓଙ୍କୁ ପ୍ରଦାନ କରଯାଇଛି। ଯଦି ଏହି ସମୁହ ଦାବି ପ୍ରତି ଧ୍ୟାନ ଦେଇ କାର୍ଯ୍ୟକାରି ନ କରାଯାଏ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଆଞ୍ଚଳିକ କମିଟିର ସମ୍ପାଦିକ ସୁଲୋଚନା ପ୍ରଧାନ ସୂଚନା ଦେଇଥିଲେ। ଏଥି ସହିତ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜ୍‌ଦୁର ସଂଗଠନର ସର୍ବଭାରତୀୟ ସଭାପତି ଶ୍ରୀ ସତ୍ୟବାନ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକସ୍ଥିତ ପୋସ୍କୋ ଜିନ୍ଦଲ ପ୍ରତିରୋଧ ସୁରକ୍ଷା କମିଟି ଆୟୋଜିତ ପ୍ରତିବାଦ ସଭାରେ ବକ୍ତବ୍ୟ ରଖୁଥିବା ବେଳେ ପୋଲିସ୍‌ର ଅନ୍ୟାୟ ଗିରଫ୍ ଦାରିକୁ ଅଲ୍ ଇଣ୍ଡି କ୍ଷେତ ମଜ୍‌ଦୁର ସଂଘ ତରଫରୁ ପ୍ରତିବାଦ କରାଯାଇ ଯାଜପୁର ବ୍ଲକ ଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

# ସ୍ୱାମୀକୁ ତଣ୍ଟି ଚିପି ହତ୍ୟା : ସ୍ତ୍ରୀ ଗିରଫ

**ଖଣ୍ଡପଡ଼ା, ୧୩।୧୨ (ନି.ପ୍ର):** ଖଣ୍ଡପଡ଼ା ଥାନା ଖଳିସାହି ପଞ୍ଚାୟତ ଅଧୀନ ବାସୁଦେବପୁର ଗ୍ରାମରେ ସ୍ୱାମୀକୁ ତଣ୍ଟି ଚିପି ସ୍ତ୍ରୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ଫଳରେ ପରକୀୟା ପ୍ରୀତିରୁ ହତ୍ୟା ସନ୍ଦେହ ପ୍ରକାଶ ପାଇଥିବା ବେଳେ ଅଭିଯୁକ୍ତ ସ୍ତ୍ରୀକୁ ଥାନାକୁ ଉଠାଇ ଆଣି ତଦନ୍ତ କରାଯାଉଥିବା ସୂଚନା ମିଳିଛି। ମୃତ ଯୁବକ ବାପୁନୀ କୁମାର ମହାପାତ୍ର (୩୫)ଙ୍କ ବାପା ମଧୁସୂଦନ ମହାପାତ୍ର ସ୍ଥାନୀୟ ଥାନାରେ କରିଥିବା ଏତଲା ଅନୁଯାୟୀ ଗତକାଲି ରାତିରେ ବୋହୂ ଲକି ନାୟକ ପୁଅ ଅସୁସ୍ଥ ହୋଇପଡିଥିବା ନେଇ ଫୋନ ଯୋଗେ ଖବର ଦେଇଥିଲେ। ତେବେ ମଧୁସୂଦନ ନିଜର ସମ୍ପର୍କୀୟଙ୍କ ସହିତ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା



ପରେ ସେଠାରେ ଡାକ୍ତର ପୁଅକୁ ମୃତ ଘୋଷଣା କରିଥିଲେ। ମଧୁସୂଦନ ତାଙ୍କ ପୁଅକୁ ବୋହୁ ଲକି ନାୟକ (୩୨) ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଗତ ୬ ମାସ ତଳେ ଉଭୟଙ୍କର ବିବାହ ହୋଇଥିବା ବେଳେ ଅଧିକାଂଶ ସମୟ କଳହ ଲାଗି ରହୁଥିଲା। ଏପରିକି ପୁଅକୁ ମାନସିକ ଭାବେ ନିର୍ଯ୍ୟାତନା ଦିଆ ଯାଉଥିବା ନେଇ ମଧ ଅଭିଯୋଗ କରିଛନ୍ତି ମଧୁସୂଦନ। ଗତକାଲି ରାତିରେ ଘରେ କେହି ନଥିବା ଅବସ୍ଥାରେ ପୁଅକୁ ହତ୍ୟା କରାଯାଇଥିବା ନେଇ ମଧୁସୂଦନ ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ସ୍ଥାନୀୟ ପୁଲିସ ବୋହୁ ଲକି ନାୟକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ସୂଚନା ମିଳିଛି। ସନ୍ଧ୍ୟାରେ ପୁଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରା ଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ କରାଯାଉଥିବା ସୂଚନା ମିଳିଛି।

## ବେଆଇନ କରତକଳ ଉପରେ ଚଢାଉ

# ଲକ୍ଷାଧିକ ଟଙ୍କାର କାଠ, ଟ୍ରାକ୍ଟର ଜବତ



**କୁକୁଡାଖଣ୍ଡି,୧୪/୧୨ (ନି.ପ୍ର) :** ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ପଞ୍ଚାୟତ ଅଧିନ ଫାଦିରିପଲ୍ଲୀ ଗ୍ରାମ ଶେଷ ମୁଣ୍ଡ ରେ ଥିବା ପାହାଡ଼ ତଳେ ଦୀର୍ଘ ଦିନ ଧରି ବେଆଇନ ଭାବେ ଚାଲିଥିବା ଏକ କରତକଳ ଉପରେ ଶୁକ୍ରବାର ସକାଳେ ବ୍ରହ୍ମପୁର ବନବିଭାଗ ଭିଜିଲାନ୍ସ ଟିମ, ମୋବାଇଲ ଟିମ ମିଳିତ ଭାବେ ଉକ୍ତ ସ୍ଥାନରେ ଚଡାଉ କରିଥିଲେ। ଏହି କରତ କଳ ଟି ଦୀର୍ଘ ଦିନ ଧରି ବେଆଇନ ଭାବେ ଚାଲିଥିଲା। ପାଖରେ ଥିବା ଜଙ୍ଗଲରୁ ମୂଲ୍ୟବାନ କାଠକୁ କଟାଯାଇ ଉକ୍ତ କଳରେ ରଖାଯାଉଥିଲା, ପରେ ଏହାକୁ ଚୋରାଚାଲନ କରାଯାଉଥିବା ଜଣାପଡିଛି। ଚଡାଉ ସମୟରେ ଲାକ୍ୟାଧିକ ଟଙ୍କାର ସଗୁଆନ, ପିଆଶାଳ ଭଳି ବହୁ ମୂଲ୍ୟବାନ କାଠ, କାଠପଟା ସହିତ ଗୋଟେ ଟ୍ରାକ୍ଟର ଏବଂ କରତ କଳ ସରଞ୍ଜାମ ଜବତ କରିଛି ବନ ବିଭାଗ। ମୋବାଇଲ ଟିମର ସୁମିତ୍ରା ଭୂୟାଁ, ଭିଜିଲାନ୍ସ ଟିମର ଏନ. ବାଲାଜି ,ରାଜୀବ ପାତ୍ର,ବନବିଭାଗର ସୋମନାଥ ମଲ୍ଲିକଙ୍କ ନେତୃତ୍ୱରେ ଚଡାଉ ହୋଇଥିଲା। ଏହି ସମୟରେ କରତ କଳର କୌଣସି କର୍ମଚାରୀ କିମ୍ବା ମୁଖ୍ୟ ନ ଥିଲେୟତେବେଏହା କାହାର କଳ ସେ ନେଇ ଅଧିକ ତଦନ୍ତ କରୁଛି ବନ ବିଭାଗ।

# ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିକ୍ଷାସଭା

**ଜଗତସିଂହପୁର,୧୪/୧୨(ନି.ପ୍ର):** ରଘୁନାଥପୁର ବ୍ଲକ ଗୁଆଲିପୁର ସ୍ଥିତ ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଆଲିପୁର ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଆସ ସ୍କୁଲ ଯିବା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ଅଭିଭାବକ କୁ ନେଇ ଏକ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆରସିସି ସୋନା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥି ଭାବେ ଗୁଆଲିପୁର ସରପଞ୍ଚ ମନୋଜିନି ସାହୁ,ଏସ.ଏମ.ସି ଚେୟାର



ପରଶନ. ଆଲୁମିନାଇ ପ୍ରେସିଡେଣ୍ଟ .ଅଲେଖ ବିହାରୀ ସାହୁ. ଗ୍ରାମ ପଞ୍ଚାୟତ ପି.ଇ.ଓ ଲକ୍ଷ୍ମଣ ସୋରେନ .ସ୍ୱାସ୍ଥ୍ୟ କର୍ମୀ । ସମିତି ସଭ୍ୟ ଏବଂ ଆଞ୍ଚଳିକ ସାଧନା କେନ୍ଦ୍ର ଅଧୀନସ୍ଥ ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇ ଥିଲେ . ପ୍ରଧାନଶିକ୍ଷକ ପ୍ରତାପ କୁମାର ଜେନା.ନିର୍ମିତା ସ୍ୱାଇଁ .ପୁଷ୍ପଲତା ସ୍ୱାଇଁ .ସ୍ମିତାରାଣୀ ସ୍ୱାଇଁ ବସନ୍ତ କୁମାର ବେହେରା. ପ୍ରଶାନ୍ତ କୁମାର ସାହୁ. ସୁଜାତା ମାଦେଲି.ଦମୟନ୍ତୀ କୁଅଁର.ଜ୍ଞୟ.ଅନଓ୍ୱର ଅଲ୍ଲୀ. ବିଚିତ୍ର ସ୍ୱାଇଁ.ସୁମିତ୍ରା ହାଁସଦା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କୌଣସି କାରଣ ବଶତଃ ବିଦ୍ୟାଳୟକୁ ଯାଇପାରୁନଥିବା ୫ ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ସଭାର ଉଦେଶ୍ୟ ବୋଲି ସିଆରସିସି ସୋନା ମହାନ୍ତି ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଆସ ସ୍କୁଲ ଯିବା ଅଭିଯାନ ପିଲାମାନଙ୍କୁ ଗୁଣାତ୍ମକ, ଅନ୍ତର୍ନିର୍ବେଶୀ ଏବଂ ଆନନ୍ଦଦାୟକ ଶିକ୍ଷା ସୁନିଶ୍ଚିତ କରିବା,ଏବଂ ଶତ ପ୍ରତିଶତ ନାମଲେଖା ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ଲକ୍ଷ ବୋଲି ମହାନ୍ତି ପ୍ରକାଶ କରିଥିଲେ।

# ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୨୪୮ ଜଣ ଛାତ୍ରଛାତ୍ରୀ

**ବୁଗୁଡ଼ା, ୧୩।୧୨ (ନି.ପ୍ର):** ସ୍ଥାନୀୟ ପିପୁଲ୍ଲ ହାଇସ୍କୁଲ କେନ୍ଦ୍ରରେ ଶନିବାର ଦିନ ଆଗାମୀ ଶିକ୍ଷାବର୍ଷ ୨୦୨୬-୨୭ର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ବୁଗୁଡ଼ା ବ୍ଲକ ଓ ଏନ୍ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଫର୍ମ ପୂରଣ



କରିଥିବା ୨୮୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪୮ ଜଣ ପରୀକ୍ଷା ଦେଇଥିବା ବେଳେ ୩୩ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ପିପୁଲ୍ଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ୧୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଇନଭିଜିଲେଟର ଭାବେ ନିୟୋଜିତ ରହିଥିଲେ। ଏହି ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ନବୋଦୟ ବିଦ୍ୟାଳୟ ତରଫରୁ ରବିନ୍ଦ୍ର କୁମାର ପ୍ରଧାନ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ପକ୍ଷରୁ ବିଇଓ ଚିନ୍ମୟ ମହାପାତ୍ର ଯୋଗ ଦେଇଥିଲେ। ବ୍ଲକର ଏକ ମାତ୍ର ଏହି କେନ୍ଦ୍ରରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସଂପନ୍ନ ହୋଇଥିବା ଜଣାଯାଇଛି।

# ପ୍ରତିଶ୍ରୁତି ପରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୧୪/୧୨ (ନି.ପ୍ର):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ତିନିଦିନ ଧରି ଭୁବନେଶ୍ୱରର ଗାନ୍ଧିମାର୍ଗଠାରେ ଚାଲିଥିବା ଅହୋରାତ୍ର ଗଣଧାରଣାକୁ ଆଜି ସ୍ଥଗିତ କରାଯାଇଛି । ମାନ୍ୟବର ମନ୍ତ୍ରୀ, ମାନ୍ୟବର ବିଧାୟକ ଏବଂ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ କହିଛନ୍ତି । ସରକାର ସବୁ ବର୍ଗର ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କ ସମସ୍ୟାକୁ ବିଚାରକୁ ନେବା ସଙ୍ଗେ ସଙ୍ଗେ ଏହାର ଏକ ସ୍ଥାୟୀ ସମାଧାନ ପାଇଁ ଯେଉଁ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି ତାହା ଖୁବ୍‌ଶିଘ୍ର ବସି ସମସ୍ତ ବର୍ଗର ଶିକ୍ଷକମାନଙ୍କର ସମସ୍ୟା ସମାଧାନ କରିବ ବୋଲି ମନ୍ତ୍ରୀ, ବିଧାୟକ ଓ ଅଧିକାରୀ ମାନେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖା ଯାଇଛି। ଶିକ୍ଷକ କର୍ମଚାରୀ ମାନଙ୍କର ପ୍ରମୁଖ ଦାବି ମଧ୍ୟରେ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ କର୍ମଚାରୀମାନଙ୍କୁ ବ୍ୟବସ୍ଥା ଅନୁସାରେ ପେନସନ୍ ଓ ଅବସର କାଳୀନ ସୁବିଧା, ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରି ସମସ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ନ୍ୟାୟ ପ୍ରଦାନ କରିବା, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟକୁ ସରକାରୀକରଣ, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରିବା, ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆଦି ବିଷୟ ସ୍ଥାନିତ କରାଯାଇଥିଲା । ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏକାମ୍ର ବିଧାୟକ ବାବୁ ସିଂ ଓ ପାଲଲହଡ଼ାର ବିଧାୟକ ଅଶୋକ ମହାନ୍ତି ସଭାସ୍ଥଳକୁ ଆସି ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ଆଭିମୁଖ୍ୟ ପ୍ରତିପାଦନ କରିଥିଲେ ।

# ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ

**କେନ୍ଦୁଝର,୧୪/୧୨ (ନି.ପ୍ର):** ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫-୨୬ ସ୍ଥାନୀୟ ପି.ଏମ.ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୁନି ବୈଜ୍ଞାନିକ ମାନଙ୍କୁ ଅଭିନବ ଚିନ୍ତାଧାରାରେ ପରିବେଶ ଉପଯୋଗୀ ବିଜ୍ଞାନ ପ୍ରକଳ୍ପ ଗୁଡିକୁ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ,କେନ୍ଦୁଝରର ଅଧ୍ୟକ୍ଷା କଲ୍ୟାଣୀ ମାଝୀ ଉପସ୍ଥିତ ରହି ନିଜର ବକ୍ତବ୍ୟ ଛଳରେ ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ଶିଶୁ ମାନଙ୍କ ଠାରେ ନୂତନ ବୈଜ୍ଞାନିକ ଚିନ୍ତାଧାରାର ଅଭ୍ୟୁଦୟ ଘଟିଥାଏ ବୋଲି ପ୍ରକାଶ କରିଥିଲେ ଓ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ର ନାରାୟଣ ସାମଲ ଓ ମଣ୍ଡଳ ଶିକ୍ଷାଧିକାରୀ,ପାଟଣାର ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ବିଜ୍ଞାନ ପ୍ରଦର୍ଶନୀର ବିବରଣୀ ପ୍ରଦାନ



କରିଥିବା ବେଳେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ, କେନ୍ଦୁଝର ସଦରର କପିଳ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ, ଘଟଗାଁ ତଥା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରର ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟ ନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସ୍ତରୀୟ ାଲ ବୈଜ୍ଞାନିକ ପ୍ରଦର୍ଶନୀ ର ମୁଖ୍ୟ ବିଷୟ ବସ୍ତୁ : ବିଜ୍ଞାନ,ପ୍ରଯୁକ୍ତି,ଯାନ୍ତ୍ରିକ ବିଜ୍ଞାନ ଓ ଗଣିତ ମାଧ୍ୟମ ରେ ଭାରତକୁ ଉନ୍ନତ ଓ ସ୍ୱାବଲମ୍ବୀ କରିବା ଏବଂ ଉପରୋକ୍ତ ମୁଖ୍ୟ ବିଷୟ ବସ୍ତୁ ଆଧାରିତ ୭ଟି (ସାତ ) ଉପମୁଖ୍ୟ ବିଷୟବସ୍ତୁରେ ସମୁଦାୟ ୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ପ୍ରତି ଉପ ବିଷୟ ବସ୍ତୁରୁ ସର୍ବୋତ୍କୃଷ୍ଟ ୭ଟି ପ୍ରକଳ୍ପ ରାଜ୍ୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ କେନ୍ଦୁଝର ଜିଲ୍ଲା ତରଫରୁ ଅଂଶ ଗ୍ରହଣ କରିବେ। ଉଦଯାପନୀ ସମାରୋହରେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର,ପ୍ରତିଭା ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ସର୍ବଶେଷରେ କୃତି ବୈଜ୍ଞାନିକ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଉପ ବିଷୟବସ୍ତୁ ମଧ୍ୟରୁ ଧାରଣକ୍ଷମ କୃଷିରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟୁଙ୍ଗୁରୁଡ଼ିର ରାନୀ ପ୍ରଧାନ, ଆବର୍ଜନା ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୋମଳ ମହାନ୍ତି, ସବୁଜଶକ୍ତିରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ବି.ଯଶସ୍ୱୀ ପ୍ରୀତମ, ଆମୋଦଦାୟକ ଗାଣିତିକ ପ୍ରକଳ୍ପରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ଆଦ୍ୟସ୍ରଷ୍ଟା ପଟ୍ଟନାୟକ, ବିକାଶଶୀଳ ପ୍ରଯୁକ୍ତି ବିଦ୍ୟାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ଦେବାଞ୍ଜନ ଘଡେଇ, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ସୁଆଁପଦା ର ଅନୁସୂୟା ପୃଷ୍ଟି, ଜଳ ସଂରକ୍ଷଣ ଓ ପରିଚାଳନାରେ ଆଶାଦେବୀ ଉଚ୍ଚ ବିଦ୍ୟାଳୟ, ଜମ୍ବୀରା, ହାଟଡିହିର ଲିପ୍ସାରାଣୀ ରାଉତ ପ୍ରଭୃତି ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ୨୦୨୪-୨୫ ଶିକ୍ଷା ବର୍ଷର ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ଭୋପାଳ ଠାରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ପ୍ରଦର୍ଶନୀରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୁନି ବୈଜ୍ଞାନିକ ଦେବସ୍ମିତା ରାଉତ ଓ ମାର୍ଗଦର୍ଶୀ ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କୁ ଜିଲ୍ଲା ତରଫରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଜ୍ଞାନ ପ୍ରକଳ୍ପ ବିଚାରକ ଭାବେ ଯୋଗେଶ୍ୱର ପତି, ପ୍ରାକ୍ତନ ଅଧ୍ୟାପକ, ପଦାର୍ଥ ବିଜ୍ଞାନ , କୁଳମଣି ପ୍ରଧାନ, ଅଧ୍ୟକ୍ଷ ପି.ଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟିକେଶ୍ୱର ବାରିକ, ଅଧ୍ୟାପକ, ଜଗବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ ହରିଚନ୍ଦନପୁର ଓ ସନତ କୁମାର ଦାସ, ଅଧ୍ୟାପକ,ଉଦ୍ଭିଦ ବିଜ୍ଞାନ , ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମପୁର ଯୋଗ ଦେଇଥିଲେ।

# ପ୍ରହସନ ପାଲଟିଛି ବନ ବିଭାଗର ବୃକ୍ଷରୋପଣ

**ଖଣ୍ଡପଡ଼ା,୧୪।୧୨(ନି.ପ୍ର):** ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ବିଟ ହାଉସ ପରିସରରେ ଅନିୟମିତତା ଦେଖିବାକୁ ମିଳିଥିବା ବେଳେ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ବିଟ କାର୍ଯ୍ୟାଳୟ ପଛପାଖେ ୨୦୨୪- ୨୫ ଆର୍ଥିକ ବର୍ଷରେ ଏହି



ଅସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର କରାଯାଇଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟରେ ୨୫ ହଜାର ଚାରା ଉତ୍ପାଦନ କରାଯାଇଥିବା ଫଳକରେ ଉଲ୍ଲେଖ କରାଯାଇଛି। ଏଠାରେ ଅମୃତଭଣ୍ଡା, ଗେଣ୍ଡୁ ଫୁଲ ଆଦି ଚାରା ଉତ୍ପାଦନ କରାଯାଇଥିଲା। ତେବେ ମାତ୍ର ବର୍ଷକ ପରେ ଉକ୍ତ କେନ୍ଦ୍ରରେ ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି। ଶହ ଶହ ଗଛ ବର୍ତ୍ତମାନ ଉକ୍ତ କେନ୍ଦ୍ରରେ ପଡିରହିଥିବା ବେଳେ ଜଙ୍ଗଲ ଅଞ୍ଚଳର ଭ୍ରମ ସୃଷ୍ଟି ହୋଇଛି। ନାମକୁ ମାତ୍ର କିଛି ଚାରାକୁ ବିଭିନ୍ନ ସ୍ଥାନରେ ବଣ୍ଟନ କରିବାକୁ ପଠାଇ ଦିଆଯାଇଥିବା ବେଳେ ଅନେକ ଚାରା ରକ୍ଷଣାବେକ୍ଷଣ ଅଭାବ ପାଇଁ ନଷ୍ଟ ହୋଇ ଯାଇଥିବା ଏବଂ ରୋପଣ ପାଇଁ ଅନୁପଯୋଗୀ ହୋଇପଡିଛି। ଗୋଟିଏ ଚାରା ଉତ୍ପାଦନ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୮ ଟଙ୍କା ବିନିଯୋଗ ହେଉଥିବା ବେଳେ ନିଜର ସ୍ୱାର୍ଥ ହାସଲ ପରେ କର୍ମଚାରୀ ମାନେ ଏହାକୁ ଅଣଦେଖା କରୁଛନ୍ତି।

ଅନ୍ୟପକ୍ଷରେ ବିଟ କାର୍ଯ୍ୟାଳୟ ପଛପାଖରେ ଥିବାରୁ ଏତେ ସଂଖ୍ୟକ ଚାରା ଉତ୍ପାଦନ ହୋଇଛି କି ନାହିଁ, ତାହା ସନ୍ଦେହ ସୃଷ୍ଟି କରିଛି। ଫଳକରେ ଆରମ୍ଭ ତାରିଖ କିମ୍ବା କାର୍ଯ୍ୟ ଶେଷ ତାରିଖ ଉଲ୍ଲେଖ କରାଯାଇନଥିବା ବେଳେ ମନରେଗା ମାଧ୍ୟମରେ ଅର୍ଥ ହରିଲୁଟ ହୋଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ନାନା ବିବାଦରେ ଥିବା ସିଙ୍ଘାପଡ଼ା ସେକ୍ସନରେ ଏଭଳି ଅନିୟମିତତା ବାବଦରେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

